# 'ମଣ୍ଡାପିଠାର ମଜା' ବାଟ ଦେଖାଇଲା

**ସନ୍ତୋଷ କୁମାର ନାୟକ**

**ସିମୁଳିଆ, ୪।୮**

ଗାଁ ମାଟିର ବାସ୍ନା, ପାଣି ପବନର ଆକର୍ଷଣ ତାଙ୍କ ଜୀବନକୁ ପରିଷ୍କୃଷ୍ଟ କରିଛି। ଗ୍ରାମୀଣ ପରିବେଶରେ ଶିକ୍ଷାଲାଭ, ଶିକ୍ଷକ ଓ ପରିବାରର ପ୍ରେରଣା ତାଙ୍କୁ ବାଟ ଦେଖାଇଛି। ଚାକିରି ଜୀବନରେ ଗାଁ ଲୋକଙ୍କ ସହ ସମ୍ପର୍କ ଯୋଡିବାର ସୁଯୋଗ ତାଙ୍କ ଅନୁଭବକୁ କରିଛି ଅଧିକ ଶାଣିତ। ପିଲାଦିନୁ ସାହିତ୍ୟ ପ୍ରତି ରୁଚି ରଖି ଆସିଥିବାରୁ ଦୈନନ୍ଦିନର କାର୍ଯ୍ୟବ୍ୟବସ୍ଥା ସତ୍ତ୍ୱେ ସେ ଶତାଧିକ କବିତା, ପ୍ରବନ୍ଧ ଲେଖି ବିଭିନ୍ନ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଯେବେ କିଛି ଫୁରସତ୍ ମିଳେ, ସେ ବିଭିନ୍ନ ପୁସ୍ତକ ଅଧ୍ୟୟନ କରିବା ସହ ଲେଖାଲେଖି କରିଥାନ୍ତି ବୋଲି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ ଅବସ୍ଥାପିତ ବିଡ଼ିଓ ଡ. ନରହରି ବେହେରା କହିଛନ୍ତି।

ପ୍ରଶାସନିକ ସେବା ତାଙ୍କର ପେଶା ହୋଇଥିଲେ ବି ନିଶା ସାହିତ୍ୟ ରଚନା। ପ୍ରତିଦିନ ଅଫିସ କାର୍ଯ୍ୟ ସାରି ସନ୍ଧ୍ୟାରେ ଘରକୁ ଫେରି ରାତି ୧୨ଟା ପର୍ଯ୍ୟନ୍ତ ବିଭିନ୍ନ ବହି ପଢ଼ିଥାନ୍ତି। ଆଜିକାଲି ପିଲାଙ୍କ ମଧ୍ୟରେ ପଠନ ଅଭ୍ୟାସ କମିଯାଉଛି। ଯୁବତୀଯୁବକମାନେ ପଢ଼ନ୍ତି ନାହିଁ, କହନ୍ତି ବେଶୀ। ସେମାନେ ଉଚ୍ଚକୋଟିର ଲେଖା ପଢ଼ିଲେ, ନିଜ ମାନସିକତାକୁ ସେହିସ୍ତରକୁ ନେଇଯାଇ ପାରିବେ। ଏକ ସାକ୍ଷାତ୍କାରରେ ନରହରି ଏହି ବକ୍ତବ୍ୟ ରଖିବା ଅବସରରେ ନିଜ ପିଲାଦିନ କଥା ମନେ ପକାଇଥିଲେ। ସେ କହିଥିଲେ, ରେଡିଓରୁ ପୌରାଣିକ ନାଟକ ଶୁଣି ସେ ଲେଖାଲେଖି କରିବାକୁ ପ୍ରଥମେ ଚିନ୍ତା କରିଥିଲେ। ଗାଁ ସ୍କୁଲରେ ପଢୁଥିବା ବେଳେ ସେ ଲେଖିଥିଲେ 'ମଣ୍ଡାପିଠାର ମଜା' କବିତା। ଏହା ଏକ ପତ୍ରିକାରେ ପ୍ରକାଶ ପାଇଥିଲା। ଏଥିଲାଗି ତାଙ୍କୁ ମିଳିଥିଲା ବହୁ ପ୍ରଶଂସା। ଶିକ୍ଷକ ଅମର ପ୍ରସାଦ ବାରିକଙ୍କ ପ୍ରେରଣା ତାଙ୍କୁ ଲେଖାଲେଖି କରିବାକୁ ଉତ୍ସାହ ଯୋଗାଇଥିଲା। ପାଠ ପଢି ସାରି ଶିକ୍ଷକତା କରିବାକୁ ସେ ଲକ୍ଷ୍ୟ ରଖିଥିଲେ। ଶେଷରେ ଆଶା ପୂରଣ ହେଲା। ଗତ ତା୨୪।୧୧।୮୯ରିଖରେ ସେ ମୟୂରଭଞ୍ଜ ଜିଲାର ଜନତା ଉଚ୍ଚ

- ପେସା ପ୍ରଶାସନିକ ସେବା, ନିଶା ସାହିତ୍ୟ ରଚନା
- ପିଲାଦିନର ଅଧ୍ୟୟନ ଅଭ୍ୟାସ ଜାରି ରଖିଛନ୍ତି
- ପଠନ ଅଭ୍ୟାସ ବଦଳାଇବ ମାନସିକତା


ସିମୁଳିଆ ବିଡ଼ିଓ ଡ. ନରହରି ବେହେରା

ବିଦ୍ୟାପୀଠରେ ଚାକିରି ଜୀବନ ଆରମ୍ଭ କରିଥିଲେ। ଭଦ୍ରକ ଜିଲାର ସାବରଙ୍ଗ ଉଚ୍ଚ ବିଦ୍ୟାଳୟକୁ ପରେ ବଦଳି ହୋଇଥିଲେ। ୧୧ବର୍ଷ ଶିକ୍ଷକତା କରିବା ପରେ ପ୍ରଶାସନିକ ସେବା ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଥିଲେ। ଢେଙ୍କାନାଳ ଓ ବାଲେଶ୍ୱରରେ ବନ୍ଦୋବସ୍ତ ଅଧିକାରୀ, ବାସୁଦେବପୁରରେ ସହକାରୀ ତହସିଲଦାର, ନୀଳଗିରିରେ ରାଜସ୍ୱ ଅଧିକାରୀ, ମାଲକାନାଗିରିରେ ଡେପୁଟି କଲେକ୍ଟର, ଧାମନଗରରେ ତହସିଲଦାର ଭାବେ ଦାୟିତ୍ୱ ତୁଲାଇ ଏବେ ଗତ ତା୧୬।୮।୧୮ରିଖରୁ ସିମୁଳିଆ ବିଡ଼ିଓ ଭାବେ କାର୍ଯ୍ୟ କରୁଛନ୍ତି।

ନରହରିଙ୍କ ପରିବାର କହିଲେ ସ୍ତ୍ରୀ ଛବିଳତା ଏବଂ ଦୁଇ ଝିଅ ଦେବଦତ୍ତା ଓ ଦେବୀଦତ୍ତା। ଛବିଳତା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ । ବଡ଼ଝିଅ ପ୍ରଶାସନିକ ସେବା ଚାକିରି ପାଇଁ ପ୍ରସ୍ତୁତ ହେଉଛନ୍ତି। ସାନଝିଅ ଯୁକ୍ତ୩ରେ ପଢୁଛନ୍ତି। ତାଙ୍କ ଜନ୍ମସ୍ଥାନ ଭଦ୍ରକ ଜିଲା ରାହାଞ୍ଜ ପଞ୍ଚାୟତର ବିଶ୍ୱନାଥପୁରରେ। ମାତା ସ୍ୱର୍ଗତଃ ଭାମାମଣି ଓ ପିତା ବାସୁଦେବ ବେହେରା। ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ନେଇ ସେ ପଡ଼ୋଶୀ ଚଣ୍ଡିଗାଁରେ ପ୍ରାଥମିକରୁ ହାଇସ୍କୁଲ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ପରେ ଭଦ୍ରକ କଲେଜରେ ପାଠ ପଢ଼ି ସଂସ୍କୃତରେ ଏମ୍‌ଫିଲ, ଓଡ଼ିଆରେ ପିଏଚ୍‌ଡ଼ି, ଇଂରାଜୀରେ ସ୍ନାତକ, ପାଠାଗାର ଓ ସୂଚନା ବିଜ୍ଞାନରେ ବିଏଡ୍ ପ୍ରଭୃତି ଶିକ୍ଷାଲାଭ କରଥିଲେ। ସାରସ୍ୱତ ପ୍ରତିଭାର ସ୍ୱୀକୃତି ସ୍ୱରୂପ ତାଙ୍କୁ ମିଳିଛି 'ଭଦ୍ରକ ଗୌରବ ସମ୍ମାନ' ଓ 'ଜୟଦେବ ସମ୍ମାନ'। ଏଥିସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସମ୍ମାନୀତ ହୋଇଛନ୍ତି। ସାହିତ୍ୟ ସାଧନା ଭଳି ପ୍ରଶାସନିକ ସେବାକୁ ଲୋକାଭିମୁଖୀ କରିବା ତାଙ୍କ ଜୀବନର ଅନ୍ୟତମ ଲକ୍ଷ୍ୟ ବୋଲି ନରହରି କହିଛନ୍ତି।

# ଜିଲା କଳାକାର ସଂଘର ବୈଠକ

**ବାହାନଗା, ୪।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଲୋକ କଳାକାର ସଂଘ ତରଫରୁ ଶନିବାର ଝାଡେଶ୍ୱର ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା । ସଭା ଆରମ୍ଭରୁ କଳାକାର ଉପେନ୍ଦ୍ର ଚରଣ ଯେନା ମଙ୍ଗଳାଚରଣ ପାଠ କରିଥିଲେ । ଗଜେନ୍ଦ୍ର ଯେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଭା ଆରମ୍ଭରୁ ବିଗତ ବୈଠକର ନିଷ୍ପତ୍ତି ଉପରେ ଆଲୋଚନା କରାଯାଇଥିଲା । ତେବେ ପ୍ରତ୍ୟେକ ବ୍ଲକର ଜିଲାପାଳଙ୍କ ଦ୍ୱାରା ଆସିଥିବା ଚିଠି ଉପରେ ଉପସ୍ଥିତ କଳାକାରମାନେ ସନ୍ତୋଷ ବ୍ୟକ୍ତ କରିଥିଲେ । ତେବେ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ପାଲା କଳାକାରମାନେ ପାଲା ପରିବେଷଣ ମାଧ୍ୟମରେ କରିଥିବା ପ୍ରଚାରରେ ପାଇବାକୁ ଥିବା ଅର୍ଥ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବକେୟା ଅର୍ଥ ରାଶି ନ ପାଇବା ଏକ ମୁଖ୍ୟ ପ୍ରସଙ୍ଗ ହୋଇଛି । ତେଣୁ ସଂଘ ତରଫରୁ ଏ ବାବଦରେ ଜିଲାପାଳ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସାକ୍ଷାତ କରି ବକେୟା ଅର୍ଥ କିପରି କଳାକାରମାନେ ପାଇପାରିବେ ସେ ବାବଦରେ ଏକ ନିବେଦନ ପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ରାମଚନ୍ଦ୍ର ବିଶ୍ୱାଳ, ବାହାନଗା ବ୍ଲକ ସଂଘ ସଭାପତି ରବିନ୍ଦ୍ର ଧାମୁଡିଆ, ଦିନେଶ ଯେନା, ଚନ୍ଦନ ଦାସ, ହରିଶ୍ଚନ୍ଦ୍ର ବେହେରା, ମଧୁସୂଦନ ନାୟକ, ଘନଶ୍ୟାମ ମହାଳିକ, ଦିଲୀପ୍ କୁମାର ମାନ୍ନା, ଶରତ ସ୍ୱପନ ପଣ୍ଡା ଓ ସୁର୍ଦ୍ଦଶନ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ବୈଠକରେ ଉପସ୍ଥିତ କଳାକାର ସଂଘର ସଦସ୍ୟ।

# ଗାନ୍ଧୀ ଜୟନ୍ତୀ ନିମନ୍ତେ ପ୍ରସ୍ତୁତି

**ବାଲେଶ୍ୱର ଅଫିସ, ୪।୮:** ବାଲେଶ୍ୱରର ସ୍ୱେଚ୍ଛାସେବୀ ସଙ୍ଗଠନ 'ସହାୟକ'ର ପ୍ରତିଷ୍ଠା ଦିବସ ଏବଂ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ପାଳନ ପାଇଁ ରବିବାର ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘ ଗୃହରେ ଇଂ. ସୁରେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କର ସୁରକ୍ଷା ଲାଗି ସରକାର ଏବଂ ସମ୍ପୃକ୍ତ ବିଭାଗ ଅଧିକ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସଙ୍ଗଠନ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସାଧାରଣ ସମ୍ପାଦକ ଇଂ. ବନମାଳୀ ନାୟକ ପ୍ରକାଶ କରିଛନ୍ତି।

ଆସନ୍ତା ଅକ୍ଟୋବର ୨ ତାରିଖ ଅନୁଷ୍ଠାନର ପ୍ରତିଷ୍ଠା ଦିବସ ଓ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଗାନ୍ଧୀ ଦର୍ଶନ ଉପରେ ଆଲୋଚନାଚକ୍ର ଓ ଗାନ୍ଧୀଙ୍କ ଆଦର୍ଶକୁ ଭିତ୍ତି କରି ସମାଜସେବା କରୁଥିବା ଦୁଇଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ। ଦିବ୍ୟାଙ୍ଗ ପିଲାମାନଙ୍କୁ ଭୋଜନ ଓ ଶୀତଦିନ ପୂର୍ବରୁ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶିଶିର କୁମାର ରଥ, ଲୋକନାଥ ଆଚାର୍ଯ୍ୟ, ଗୌରାଙ୍ଗ ପାଣିଗ୍ରାହୀ, ବଂଶୀଧର ମହାପାତ୍ର, ଶଶାଙ୍କ ଶେଖର ଦତ୍ତ, ବେଣୁଧର ପାଳ, ଭବେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରମେଶ ଗୋଚ୍ଛାୟତ, ଇଂ. ଶ୍ରୀରାମ ଦାଶ, ଅନାଦି ଚରଣ ଚାଟାର୍ଜୀ, ରମେଶ ଚନ୍ଦ୍ର ଜେନା, ଡା. ବାସୁଦେବ ଦାସ, ଅକ୍ଷୟ କୁମାର ତ୍ରିପାଠୀ, ଇଂ. କେଶବ ଚନ୍ଦ୍ର ମହାନ୍ତି, ସେକ୍ ଆଲ୍ଲାଉଦ୍ଦିନ୍, ପ୍ରତାପଚନ୍ଦ୍ର ବାରିକ୍, ସାବିତ୍ରୀ ଦାସ, ପ୍ରଣିତା ମିଶ୍ର, ଯୋଗେଶ ଚନ୍ଦ୍ର ପ୍ରଧାନ, ଗଙ୍ଗାଧର ପୃଷ୍ଟି, ନିରଞ୍ଜନ ପରିଡ଼ା, କେଶବ ଚନ୍ଦ୍ର ମହାନ୍ତି, ଶ୍ୟାମସୁନ୍ଦର ଜେନା, ଡା. ତାରାକାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକକୁ ଧକ୍କା ଦେଲା ବସ୍

**ବାହାନଗା, ୪।୮(ଡି.ଏନ.ଏ.)**

ରାସ୍ତାରେ ଛିଡା ହୋଇଥିବା ମାଲ୍ ବୋଝେଇ ଟ୍ରକ୍‌କୁ ଏକ ବସ୍ ପଛପଟୁ ଧକ୍କା ଦେବାରୁ ବସ୍ ଚାଳକ ଗୁରୁତର ହୋଇଛନ୍ତି। ପୁରୀରୁ କଲିକତା ଯାଉଥିବା ବସ୍ (ନଂ.ଓଡି୦୨ବିଏ୩୬୮୬) ଶନିବାର ରାତିରେ ୧୬ ନମ୍ବର ଜାତୀୟ ରାଜପଥର ଖନ୍ତପଡାସ୍ଥିତ ଦାଣ୍ଡକାଳୀ ମନ୍ଦିର ନିକଟରେ ରାସ୍ତା କଡରେ ଛିଡା ହୋଇଥିବା ମାଲ ବୋଝେଇ ଟ୍ରକ୍‌କୁ ଧକ୍କା ଦେଇଥିଲା। ବସ୍‌ରେ ବସିଥିବା କେତେକ ଯାତ୍ରୀ ଆହତ ହୋଇଥିବା ବେଳେ ବସ୍ ଚାଳକ ବଜରଙ୍ଗୀ ପଟେଲ ଗୁରୁତର ହୋଇଛନ୍ତି । ଖନ୍ତପଡା ଥାନା ପୋଲିସ ପହଞ୍ଚି ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ବସ୍‌ରୁ ବାହାର କରିବା ସହିତ ଡ୍ରାଇଭରଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ହସପିଟାଲକୁ ପଠାଇଛି। ପୋଲିସ ବସ୍ ଜବତ କରିବା ସହିତ ଡ୍ରାଇଭରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

# ସରୁନି ପୋଲ ନିର୍ମାଣ, ହେଉନି ନାଳ ସଫା

**ବାଲେଶ୍ୱର ଅଫିସ, ୪।୮**

ବର୍ଷାଦିନକୁ ଆଖି ଆଗରେ ରଖି ବାଲେଶ୍ୱର ସହର ମଧ୍ୟରେ ପୂର୍ତ୍ତ ବିଭାଗ ଏବଂ ପୌରାଞ୍ଚଳ ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଲ ନିର୍ମାଣ ଏବଂ ନାଳ ସଫା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କାମରେ ଅନିୟମିତତା ସହ ଅବଧି ଅତିକ୍ରମ କରିଯାଉଥିବାରୁ ସହରବାସୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ପୋଲ ନିର୍ମାଣ ପାଇଁ ରାସ୍ତା ମଝିରେ ବାଲି, ମେଟାଲ ଗଚ୍ଛିତ ରଖାଯାଉଥିବାରୁ ସହରବାସୀ ଯାତାୟାତରେ ହଇରାଣ ହେଉଛନ୍ତି। ନାଳ ସଫା ନାମରେ ଦୀର୍ଘଦିନ ଧରି ନାଳ ମୁକୁଳା ରହୁଥିବାରୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହାର ପ୍ରତିବାଦ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏ ଦିଗରେ ବିଭାଗୀୟ ଅଧିକାରୀମାନେ ନୀରବଦ୍ରଷ୍ଟା ପାଲଟିଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ସହରର ମୋତିଗଞ୍ଜ ମସଜିଦ୍ ପାଖରେ ପୋଲ, ରୋଟାରୀ ଭବନ ଏବଂ ଏଡିଏମ୍ ଛକ ସମ୍ମୁଖରେ ପୋଲ, ଆଇଟିଆଇ ଛକ ପାଖରେ ପୋଲ, ହସ୍‌ପିଟାଲ ସାମ୍ନାରେ ନାଳ ଓ ନର୍ଗିସ୍ ଟକିଜ ସାମ୍ନାରେ ରାସ୍ତା ନିର୍ମାଣ ଦୀର୍ଘଦିନ ଧରି ଚାଲିଛି। ବିକାଶ ନାଁରେ ଆବଶ୍ୟକତା ନ ଥିବା ସ୍ଥାନରେ କିଛି କାମ କରାଇ ଅର୍ଥ ଉଠାଯାଉଥିବା ଅଭିଯୋଗ ହେଉଛି। ସହରର ବଟେଶ୍ୱର ନିକଟରେ କେନାଲ ଭଳିଆ ନାଳ ନିର୍ମାଣ ଯୋଗୁ ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରାତନ ନାଳକୁ ମରାମତି ନ କରି ସେଗୁଡ଼ିକୁ ପ୍ରଶସ୍ତ କରାଇ କେନାଲ ଢ଼ାଞ୍ଚାରେ ନିର୍ମାଣ କରାଯାଉଛି। ଫଳରେ ରାସ୍ତାର ଓସାର ସଙ୍କୀର୍ଣ୍ଣ ହେବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ରମେଶ ମହାପାତ୍ର କୁହନ୍ତି, ଜବରଦଖଲ ଉଚ୍ଛେଦ, ବିଦ୍ୟୁତ୍ ଖୁଣ୍ଟ ଉଠାଇବା, ପାନୀୟଜଳ ପାଇପ୍, ଗଛ କାଟିବା କାମରେ ଚୁକ୍ତିର ଅଧାରୁ ଅଧିକ ଦିନ ଚାଲିଯାଇଥାଏ। ଭବିଷ୍ୟତକୁ ଲକ୍ଷ୍ୟ ରଖି ନାଳ ନିର୍ମାଣ କରାଯାଉଥିବା ବେଳେ ଲୋକମାନଙ୍କୁ ଏହା ଅଯଥା ବୋଲି ଲାଗୁଛି। ଏହା ନ କଲେ ପ୍ରକଳ୍ପକୁ ସଫଳ କରିହେବ ନାହିଁ।


ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ପଡୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି।

## ■ ଥମୁନି ବାଲିଆପାଳ ତାତି, କଂଗ୍ରେସ ମୁହଁ ଖୋଲିଲା

# ଅନ୍ଧାଧୁନିଆ ଗିରଫଦାରି ବିରୋଧରେ ସମାବେଶ

**ବାଲିଆପାଳ,୪।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଇଡକୋ ଛକ ରାଜଧାନୀ ଢାବାରେ ଜଣେ ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଘଟିଥିବା ଲଙ୍କାକାଣ୍ଡ ଓ ପୋଲିସ ଉପରେ ଆକ୍ରମଣ ଘଟଣାର ତାତି ଏଯାଏ ଥମିନି। ପୋଲିସ ପ୍ରତିକ୍ରିୟାଶୀଳ ହୋଇ ଅନ୍ଧାଧୁନିଆ ୧୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅଭିଯୋଗ କରି ଭାଜପା ପକ୍ଷରୁ ଶନିବାର ୧୨ ଘଣ୍ଟିଆ ବାଲିଆପାଳ ବନ୍ଦ ପାଳନ କରାଯାଇଥିଲା। ଏହାର ଦିନକ ପରେ କଂଗ୍ରେସ ମୁହଁଖୋଲି ଅନୁରୂପ ପ୍ରତିକ୍ରିୟା ପ୍ରକାଶ କରିଛି। ରବିବାର ଖଗଡାପାଳ ଶିବ ମନ୍ଦିର ପରିସରରେ କଂଗ୍ରେସ ପକ୍ଷରୁ ଏକ ସମାବେଶ କରାଯାଇ ଘଟଣାକୁ ତୀବ୍ର ନିନ୍ଦା କରାଯିବା ସହିତ ଢାବା ମାଲିକ ସାବୁଦ୍ଦିନ ଶାହାଙ୍କୁ ତୁରନ୍ତ ଗିରଫ କରିବା ଏବଂ ଘଟଣା ସହ ସମ୍ପୃକ୍ତ ନ ଥିବା ଲୋକଙ୍କୁ ତୁରନ୍ତ ଖଲାସ କରିବାକୁ ଦାବି କରିଛି। ଏଚଆରପିସି ତଦନ୍ତର କୌଣସି ଗୁରୁତ୍ୱ ରଖୁନାହିଁ ଏବଂ ପ୍ରଶାସନର ଇଙ୍ଗିତରେ ସବୁ କାମ ହେଉଛି ବୋଲି ଦଳ ଅଭିଯୋଗ କର ତୁରନ୍ତ ଶବବ୍ୟବଚ୍ଛେଦ ରିପୋର୍ଟ ପ୍ରକାଶ କରାଯାଉ ବୋଲି ଦାବି କରିଥିଲା। ଅନ୍ୟପକ୍ଷେ ମୃତ ନାବାଳକଙ୍କ ପରିବାରକୁ ଦଳ ପକ୍ଷରୁ ଆର୍ଥିକ ସହାୟତା ଦିଆଯିବ ବୋଲି ସମାବେଶରେ ଘୋଷଣା କରାଯାଇଥିଲା। ଏହି ଅବସରରେ ବାଲିଆପାଳରେ ରାସ୍ତାଘାଟ ସମସ୍ୟାର ପ୍ରତିକାର ନ ହେବା, ଭୂମିହୀନଙ୍କୁ ଜମିପଟ୍ଟା ଦିଆ ନ ଯିବା, ଛାତ୍ରୀଛାତ୍ର ଓ ଅଭିଭାବକ ତହସିଲକୁ ଦୌଡି କୌଣସି ପ୍ରମାଣାପତ୍ର ନ ପାଇବା ଏବଂ ବାଲିଆପାଳ ବ୍ଲକରେ କର୍ମଚାରୀ ମରୁଡି ପ୍ରସଙ୍ଗ ସମାବେଶରେ ଉପସ୍ଥାପନ କରାଯାଇଥିଲା। ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧି ବାଲିଆପାଳ ବାସୀଙ୍କୁ ପ୍ରତାରିତ କରୁଛନ୍ତି ବୋଲି ବକ୍ତାମାନେ ମଧ୍ୟ ଅଭିଯୋଗ କରିଥିଲେ । ଆସନ୍ତା ୧୦ ତାରିଖରେ କଂଗ୍ରେସ କର୍ମୀ ଓ ଶୁଭେଚ୍ଛୁମାନେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ସଂଗଠିତ କରି ବାଲିଆପାଳ ଥାନା ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ଘଟଣାର ଉଚ୍ଚସ୍ତରୀୟ ଦାବି କରିବେ ବୋଲି ସୂଚନା ଦିଆଯାଇଥିଲା। ବାଲିଆପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା କଂଗ୍ରେସ ନେତା ବିଜନ ନାୟକ, ଦଳର ବ୍ଲକ ସଭାପତି ସୁରେଶ ଚନ୍ଦ୍ର ସେନାପତି, ଦେବ କୁମାର ଦେ, ଜଗନ୍ନାଥ ବିଶ୍ୱାଳ, ମୁରଲୀମୋହନ ସାହୁ, ନରହରି ଜେନା, ରାମରଞ୍ଜନ ରାଉତ, ରାମଚନ୍ଦ୍ର ସେନାପତି ପ୍ରମୁଖ ସମାବେଶରେ ଉଦ୍‌ବୋଧନ ଦେଇଥିଲେ।


ସମାବେଶରେ କଂଗ୍ରେସ ନେତା ଓ କର୍ମୀ।

## ସେଲ୍ଫି କର୍ଣ୍ଣର


ବାବି


ସୀମା


ରାଜେଶ


ପୂଜା


ଅଶୋକ


କମଳାକାନ୍ତ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ, ୫ ଆହତ

ଭଦ୍ରକ ଅଫିସ, ୪।୮ - ଭଦ୍ରକ ଜିଲା ଆରଡ଼ି ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇ ୫ ଜଣ ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସେମାନେ ଘରକୁ ଫେରିଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, କଲିକତା ଅଞ୍ଚଳର ଜଣେ ରୋଗୀ କଟକ ମେଡିକାଲରେ ୫ ଦିନ ଧରି ଚିକିତ୍ସାଧୀନ ଥିଲେ। ସୁସ୍ଥ ହେବା ପରେ ତାଙ୍କୁ ନେଇ ସମ୍ପର୍କୀୟମାନେ ଆମ୍ବୁଲାନ୍ସ ଯୋଗେ କଲିକତାକୁ ଫେରୁଥିଲେ। ଆରଡ଼ି ଛକ ନିକଟରେ ଏକ ଟ୍ରକକୁ ସାଇଟ୍ ଦେବାକୁ ଯାଇ ଭାରସାମ୍ୟ ହରାଇ ଆମ୍ବୁଲାନ୍ସ ଜାତୀୟ ରାଜପଥରୁ ପୋଲ ତଳକୁ ଓଲଟି ପଡ଼ିଥିଲା। ଭଦ୍ରକ ଟାଉନ ଥାନା ପୋଲିସ ନିଜ ଭ୍ୟାନ୍‌ରେ ଆହତମାନଙ୍କୁ ନେଇ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ରବିବାର ସକାଳ ସୁଦ୍ଧା ସେମାନେ ଚିକିତ୍ସିତ ହୋଇ କଲିକତା ଫେରିଯାଇଥିବା ସୂଚନା ମିଳିଛି।

### ବାଇକ୍‌ରୁ ପଡ଼ି ଦୁଇବନ୍ଧୁ ଗୁରୁତର

ଭଣ୍ଡାରିପୋଖରୀ, ୪।୮ (ଡି.ଏନ.ଏ.) - ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ବନସ୍ତା ନିକଟ ଶାଳନିଆ କେନାଲ ବନ୍ଧରେ ବାଇକ୍‌ରୁ ପଡ଼ି ଦୁଇବନ୍ଧୁ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ତେସିଙ୍ଗା ଗ୍ରାମର ବିଜୟ ରାଉତ(୨୩) ଓ ରଜତ ସାହୁ(୧୯)। ରବିବାର ବିଶ୍ୱ ବନ୍ଧୁତ୍ୱ ଦିବସରେ ଅପରାହ୍ନରେ ସେମାନେ ଏକ ବାଇକ୍‌ରେ ତେସିଙ୍ଗାରୁ ଛତାବର ଅଭିମୁଖେ ଯାଉଥିବା ବେଳେ କେନାଲ ବନ୍ଧରେ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଯାଇଥିଲେ। ପରେ ସେମାନଙ୍କୁ ଭଦ୍ରକ ଡାକ୍ତରଖାନାକୁ ପଠାଯାଇଛି।

### ୧୨୮ ୟୁନିଟ୍ ରକ୍ତ ସଂଗୃହୀତ

ବାସୁଦେବପୁର, ୪।୮(ଡି.ଏନ.ଏ.) - ବାସୁଦେବପୁରସ୍ଥିତ ଶ୍ରୀସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ସତ୍ୟସାଇଙ୍କ ମନ୍ଦିର ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୨୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବାସୁଦେବପୁର ଅତିରିକ୍ତ ତହସିଲଦାର ରାଧାକାନ୍ତ ବାରିକ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସ୍ୱେଚ୍ଛାସେବୀ ଓ ସତ୍ୟସାଇ ସଙ୍ଗଠନ କର୍ମକର୍ତ୍ତା, ସଦସ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶ୍ରୀସତ୍ୟସାଇ ସଙ୍ଗଠନର ଜିଲା ସଭାପତି ବିଷ୍ଣୁମୋହନ ନାୟକ, ଉପଦେଷ୍ଟା ସୁଧାକର ସନ୍ଧିବିଗ୍ରହ, ସମିତି ଆବାହକ ମହେଶ ଚନ୍ଦ୍ର ଦାସ, ସଂଯୋଜକ ବୃନ୍ଦାବନ ବେହେରା, ରମାକାନ୍ତ ଦାସ, ବସନ୍ତ ବଳ, ତ୍ରୈଲୋକ୍ୟ ନାଥ ପଣ୍ଡା, ମହେନ୍ଦ୍ର ବାରିକ, ବିଚିତ୍ରାନନ୍ଦ ଭୋଇ, ଦିବ୍ୟସୁନ୍ଦର ଅଗସ୍ତି, ସ୍ନିଗ୍ଧା ମହାନ୍ତି ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ, ୪।୮ (ଡି.ଏନ.ଏ.) - ଭଣ୍ଡାରିପୋଖରୀ ମାଳଦା ସଞ୍ଜୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ଶିକ୍ଷକ ନୀଳମଣି ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାକୁ ମୁଖ୍ୟଅତିଥି ଜିଲାପରିଷଦ ଉପାଧକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତି ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ରୀତାଞ୍ଜଳି ସାମଲ, ଏବିଇଓ କୁଳମଣି ପତି, ପୁରୁଷୋତ୍ତମ ଧଳ, ନବକିଶୋର ପରିଡା, ସୁରେନ୍ଦ୍ର ବେହେରା, ମୁକୁନ୍ଦ ରାଉତ, ନାରାୟଣ ସାମଲ ଓ ଡା. କ୍ଷୀରୋଦ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶାନ୍ତ ନାୟକ ଅତିଥି ପରିଚୟ, ପ୍ରଧାନଶିକ୍ଷକ ଗଣେଶ ପ୍ରସାଦ ଜେନା ସ୍ୱାଗତ ଭାଷଣ ପ୍ରଦାନ ଓ ଶଶିଭୂଷଣ ମଲ୍ଲିକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ଗୁରୁବନ୍ଦନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ନାଟିକା ସାଧୁତା ପ୍ରଦର୍ଶିତ ହୋଇଥିଲା। ମାନପତ୍ର ପାଠ କରିଥିଲେ ଶିକ୍ଷୟିତ୍ରୀ ନୀଳପ୍ରିୟା ମହାନ୍ତି। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୂର୍ବତନ ସମିତିସଭ୍ୟଙ୍କ ପରଲୋକ

ବାସୁଦେବପୁର, ୪।୮ (ଡି.ଏନ.ଏ.) - ବାସୁଦେବପୁର ବ୍ଲକ ନୂଆଗାଁ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ବାସୁଦେବ ମଲିକ(୫୦)ଙ୍କର ଶନିବାର ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି ଜଣ୍ଡିସରେ ପୀଡ଼ିତ ଥିଲେ। ତାଙ୍କର ଅକାଳ ବିୟୋଗରେ ନୂଆଗାଁ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

# ଶିଶୁ ଓ ନାବାଳିକା ଅସୁରକ୍ଷିତ

ଭଦ୍ରକ ଅଫିସ, ୪।୮

ଭଦ୍ରକ ଜିଲାରେ ଦିନକୁ ଦିନ ବାଳ ଅପରାଧ ଘଟଣା ବଢ଼ିଚାଲିଛି। ଚଳିତବର୍ଷ ଜୁଲାଇ ଶେଷ ସୁଦ୍ଧା ଜିଲାର ବିଭିନ୍ନ ଥାନାରେ ୭୧ଟି ନାବାଳିକା ବଳାତ୍କାର ମାମଲା ରୁଜୁ ହୋଇଛି। ଶିଶୁଙ୍କୁ ସୁରକ୍ଷା ଦେବା ଲାଗି କଡ଼ା ଆଇନ ସାଙ୍ଗକୁ ଫାଶୀ ଦଣ୍ଡାଦେଶ ଭଳି ବ୍ୟବସ୍ଥା ଥିଲେ ମଧ ନାବାଳିକା ଯୌନ ନିର୍ଯାତନା ଘଟଣା ବଢ଼ି ଚାଲିଛି। ପ୍ରଶାସନ ପକ୍ଷରୁ ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ ସ୍ତରରେ ସଚେତନତା ସୃଷ୍ଟି କରିବା ଲାଗି ଉଦ୍ୟମ କରାଯାଉଥିଲେ ମଧ ଏହାର କିଛି ପ୍ରଭାବ ପରିଲକ୍ଷିତ ହେଉନାହିଁ। ୨୦୧୮ରେ ଜିଲାର ବିଭିନ୍ନ ଥାନାରେ ୧୧୭ ନାବାଳିକା ବଳାତ୍କାର ଘଟଣା ନେଇ ମାମଲା ରୁଜୁ ହୋଇଥିବା ବେଳେ ୨୦୧୭ରେ ୧୫୨ ମାମଲା ହୋଇଛି। ୨୦୧୬ରେ ୯୨ ଏବଂ ୨୦୧୫ରେ ୭୬ ମାମଲା ହୋଇଥିବା ବେଳେ ୨୦୧୪ ଓ ୨୦୧୩ରେ ଯଥାକ୍ରମେ ୫୧ ଓ ୪୫ ମାମଲା ରୁଜୁ କରାଯାଇଛି। ଏହି ପରିସଂଖ୍ୟାନକୁ ଦେଖିଲେ ଜିଲାରେ ଶିଶୁ ଓ ନାବାଳିକା କିଭଳି ଅସୁରକ୍ଷିତ ହୋଇପଡ଼ୁଛନ୍ତି ତାହା ସ୍ପଷ୍ଟ ବାରି ହେଉଛି।

ପୋଲିସ ସୂଚନା ଅନୁଯାୟୀ, ଅଧିକାଂଶ ମାମଲାରେ ନାବାଳିକାମାନେ ପ୍ରାୟତଃ ସମ୍ପର୍କୀୟ ଓ ବାହାର ଲୋକଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହେଉଛନ୍ତି। କେତେକ ପ୍ରେମ ପ୍ରତାରଣାର ଶିକାର ହେବା ନଜିର ରହିଛି। ନାବାଳକମାନେ ମଧ ବଳାତ୍କାର ମାମଲାରେ ଛନ୍ଦି ହୋଇପଡୁଛନ୍ତି। ବାଳ ଅପରାଧ ରୋକିବା ପାଇଁ ସେମାନଙ୍କ ବୟସସୀମା ୧୮ ପରିବର୍ତ୍ତେ ୧୬ ବର୍ଷ କରାଯାଇଥିଲେ ବି ଏହାର କୌଣସି ପ୍ରଭାବ ଦେଖିବାକୁ ମିଳୁନି। ସେହିପରି ଶିକ୍ଷାନୁଷ୍ଠାନ ସ୍ତରରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବା ସକାଶେ ପ୍ରଶାସନ ପକ୍ଷରୁ ହାରାସମେଣ୍ଟ ସେଲ୍ ଗଠନ ସାଙ୍ଗକୁ ସ୍କୁଲ, କଲେଜରେ ସଚେତନତା ସୃଷ୍ଟି କରାଯାଉଛି। ଏ ବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ବି ଜିଲାରେ ବାଳ ଅପରାଧୀଙ୍କ ସଂଖ୍ୟା ବଢ଼ିବା ଚିନ୍ତାର କାରଣ ହୋଇଛି।

ଉଲ୍ଲେଖନୀୟ ଯେ, ଶିଶୁଙ୍କୁ ଯୌନ ଶୋଷଣ, ଅପହରଣ ଭଳି ଅପରାଧରୁ ସୁରକ୍ଷା ଦେବା ନିମନ୍ତେ ପୋକ୍ସୋ ଆଇନ-୨୦୧୨ ପ୍ରଣୀତ ହେବା ପରେ ବିଭିନ୍ନ ଥାନାରେ ମହିଳା ଓ ଶିଶୁ ଡେସ୍କ ଖୋଲାଯାଇଥିଲା। ଆବଶ୍ୟକ କର୍ମଚାରୀ ଅଭାବରୁ ଏସବୁ ବ୍ୟବସ୍ଥା ଫେଲ୍ ମାରିଛି। ଅନେକ କ୍ଷେତ୍ରରେ ପୋଲିସର ତଦନ୍ତ ପ୍ରକ୍ରିୟା ନେଇ ପୀଡ଼ିତା ନାବାଳିକାଙ୍କ ପରିବାରବର୍ଗ ଉଚିତ ନ୍ୟାୟ ପାଇପାରୁ ନ ଥିବା ଅଭିଯୋଗ କରୁଛନ୍ତି। ପୋଲିସର ତଦନ୍ତ ପ୍ରକ୍ରିୟାରେ ଅସନ୍ତୁଷ୍ଟ ହୋଇ ଭଦ୍ରକ

**ଭଦ୍ରକ ଜିଲା**
- ବଢୁଛି ନାବାଳିକା ବଳାତ୍କାର ମାମଲା
- ୭ ମାସରେ ୭୧ ମାମଲା ରୁଜୁ

ଜିଲା ତିହିଡ଼ି ଅଞ୍ଚଳର ଜଣେ ପୀଡ଼ିତାଙ୍କ ପରିବାରବର୍ଗ ଓ ଗାଁର ୨୦ରୁ ଊର୍ଦ୍ଧ୍ୱ ମହିଳା ଭଦ୍ରକ ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଗତ ଶନିବାର ଦିନତମାମ ଧାରଣା ଦେବା ଘଟଣା ଚର୍ଚ୍ଚାକୁ ଆସିଛି। ସେମାନଙ୍କୁ ଭେଟିବାକୁ କୌଣସି ଅଧିକାରୀ ସନ୍ଧ୍ୟା ସୁଦ୍ଧା ଆସି ନ ଥିଲେ। ତେବେ ରାତି ୮ଟା ବେଳେ ଏସ୍‌ପି ରାଜେଶ ପଣ୍ଡିତ ସେମାନଙ୍କୁ ଭେଟି ୧୫ ଦିନ ମଧରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ। ସେହିପରି ଭଣ୍ଡାରିପୋଖରୀ ଅଞ୍ଚଳର ଜଣେ ବିବାହିତ ଯୁବକଙ୍କ ଦ୍ୱାରା କେନ୍ଦୁଝର ଅଞ୍ଚଳର ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିବା ଏବେ ପଦାକୁ ଆସିଛି। ଏହି ନାବାଳିକା ଜଣଙ୍କ ମାନସିକ ଭାରସାମ୍ୟ ହରାଇ ୪ ଦିନ ତଳେ ଘରୁ ବାହାରି ଦୀର୍ଘ ୧୧ କି.ମି. ରାସ୍ତା ଚାଲି ଚାଲି ଆସି କାଦବରାଙ୍ଗ ପାଖରେ ପହଞ୍ଚିଥିବା ବେଳେ ଜଣେ ମହିଳା ସ୍ୱେଚ୍ଛାସେବୀ ତାଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାମଧରେ ୪ ଦିନ ବିତିଯାଇଥିଲେ ମଧ ପୋଲିସ କୌଣସି ମାମଲା ରୁଜୁ କରି ନାହିଁ। ପୀଡ଼ିତାଙ୍କୁ ସ୍ୱଳ୍ପ ରହଣିକେନ୍ଦ୍ର ବାତ୍ସଲ୍ୟରେ ଜିଲା ଶିଶୁ ମଙ୍ଗଳ କମିଟି ନିର୍ଦ୍ଦେଶ କ୍ରମେ ରଖାଯାଇଛି। ସେ ଅନ୍ତଃସତ୍ତ୍ୱା ଥିବା ଜାଣି ଶିଶୁ ମଙ୍ଗଳ କମିଟି ଅଧକ୍ଷ ଡ. ସୁଦର୍ଶନ ବାରିକ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ବାତ୍ସଲ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଭଣ୍ଡାରିପୋଖରୀ ଥାନା ପୋଲିସ କାହିଁକି ମାମଲା ରୁଜୁ କରି ନାହିଁ ସେନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଏକ ଗାଁରେ ଜଣେ ନାବାଳିକାଙ୍କୁ ବଳାତ୍କାର ସାଙ୍ଗକୁ ହତ୍ୟା ଉଦ୍ୟମ କରାଯିବା ଭଳି ଘଟଣା ୩ ମାସ ତଳେ ପଦାକୁ ଆସିଥିଲା। ଏହି ନାବାଳିକା ମରିଗଲେ ବୋଲି ଭାବି ତାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତ ନିକଟସ୍ଥ ଜଙ୍ଗଲରେ ଫିଙ୍ଗି ଦେଇ ପଳାଇଥିଲେ। ପରଦିନ ନାବାଳିକାଙ୍କ ପରିବାର ତାଙ୍କୁ ଉଦ୍ଧାର କରିଥିଲେ। ଦୀର୍ଘଦିନ ଚିକିତ୍ସିତ ହୋଇ ନାବାଳିକା ଘରକୁ ଫେରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ନାବାଳିକା ବଳାତ୍କାର ମାମଲାରେ ପୋଲିସ କେତେକ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଆଉ କେତେକ ଫେରାର ରହି ସେମାନଙ୍କ ପରିବାର ଉପରେ ଚାପ ସୃଷ୍ଟି କରୁଥିବା ଜଣାପଡ଼ିଛି। ଜିଲା ଶିଶୁ ସୁରକ୍ଷା ୟୁନିଟର ପ୍ରୋବେଶନ ଅଧିକାରୀ ସୁବ୍ରତ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ଯୌନ ଶୋଷଣ ଓ ନିର୍ଯାତନା ରୋକିବା ପାଇଁ ସଚେତନତା ସୃଷ୍ଟି ସାଙ୍ଗକୁ ଥାନା, ପଞ୍ଚାୟତ ଏବଂ ବିଦ୍ୟାଳୟ ସ୍ତରରେ ଯୌନ ଉତ୍ପୀଡ଼ନ ପ୍ରକୋଷ୍ଠ(ହାରାସମେଣ୍ଟ ସେଲ୍) ଗଠନ କରାଯିବା ଦରକାର। ଶିକ୍ଷାନୁଷ୍ଠାନ ସ୍ତରରେ ସଚେତନତା ସୃଷ୍ଟି ଅପରାଧ ନିୟନ୍ତ୍ରଣରେ ସହାୟକ ହୋଇପାରିବ। ଅଭିଭାବକ ସବିତା ନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ନାବାଳିକାଙ୍କୁ ସୁରକ୍ଷା ଦେବା ପାଇଁ ସରକାରୀସ୍ତରରେ 'ପରୀ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସବୁସ୍ତରରେ ଲୋକେ ଉଦ୍ୟମ କଲେ ପରିବାରରେ ଝିଅଙ୍କୁ ସୁରକ୍ଷା ଦିଆଯାଇପାରିବ। ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ଡ. ବାରିକ ଅନୁରୂପ ମତବ୍ୟକ୍ତ କରି କହିଛନ୍ତି, ବାଳ ଅପରାଧ ନିୟନ୍ତ୍ରଣ ଲାଗି ସରକାରୀ ସ୍ତରରେ ଶିଶୁ ସୁରକ୍ଷା ବିଭାଗ, ଚାଇଲ୍ଡ ଲାଇନ, ଶିଶୁ ମଙ୍ଗଳ କମିଟି, ଆଇନସେବା ପ୍ରାଧିକରଣ, ମହିଳା ଓ ଶିଶୁ ବିକାଶ ଭଳି ବିଭିନ୍ନ ସଂସ୍ଥା ରହିଛି। ପୋଲିସ ଓ ପ୍ରଶାସନ ସମେତ ସବୁ ସଂସ୍ଥା ମଧରେ ସମନ୍ୱୟ ରହିଲେ ଏଥିରୁ ସୁଫଳ ମିଳିପାରିବ। ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା ଦେବା ଲାଗି ୨୦୧୨ରେ ପ୍ରଣୀତ ହୋଇଥିବା ପୋକ୍ସୋ ଆକ୍ଟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଏକ ବିଡ଼ମ୍ବନା ବୋଲି ଆଇନଜୀବୀ ଗଦାଧର ବଳ କହିଛନ୍ତି।

ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ପଦଯାତ୍ରା

## ଭଣ୍ଡାରିପୋଖରୀରେ ପହଞ୍ଚିଲେ ସତ୍ୟବ୍ରତ


ବ୍ଲକ ଉପାଧକ୍ଷ ସତ୍ୟବ୍ରତଙ୍କୁ ସ୍ୱାଗତ କରୁଛନ୍ତି।

ଭଣ୍ଡାରିପୋଖରୀ, ୪।୮ (ଡି.ଏନ.ଏ.)

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ପ୍ରଶାସନ ଜରିଆରେ ଦାବି ଜଣାଇବା ଲାଗି ପଦଯାତ୍ରାରେ ବାହାରିଥିବା ଜଗତସିଂହପୁର ଜିଲାର ସତ୍ୟବ୍ରତ ଦାସ ଶନିବାର ଭଣ୍ଡାରିପୋଖରୀଠାରେ ପହଞ୍ଚିଥିଲେ। ସେ ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ପଞ୍ଚାୟତ ସମିତି ଉପାଧକ୍ଷ ସତ୍ୟବ୍ରତ ଦାସ ତାଙ୍କୁ ସ୍ୱାଗତ ଜଣାଇଥିଲେ। ସେ ବିଡିଓ ବନମାଳି ତରାଇଙ୍କୁ ଭେଟି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଁ ଏକ ସ୍ମାରକପତ୍ର ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଏହି ସ୍ମାରକପତ୍ରରେ ପୋଲାଭରମ ସହିତ ମହାନଦୀ ଜଳ ବିବାଦ ସମ୍ପର୍କରେ ମଧ ଉଲ୍ଲେଖ ରହିଛି। ଓଡ଼ିଶାର ୩୧୪ଟି ବ୍ଲକ ଏହି ପଦଯାତ୍ରାରେ ଭ୍ରମଣ କରିବେ ବୋଲି ସତ୍ୟବ୍ରତ ସୂଚନା ଦେଇଛନ୍ତି। ଉଲ୍ଲେଖନୀୟ ଯେ, ସେ ଗତ ମାସ ୧୦ ତାରିଖରେ ଯାଜପୁର ଜିଲା ବଡ଼ଚଣାଠାରୁ ଏହି ପଦଯାତ୍ରା ଆରମ୍ଭକରି ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଜିଲାର ପ୍ରତ୍ୟେକ ବ୍ଲକ ପରିକ୍ରମା କରିସାରିଛନ୍ତି।

## ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ଆରଡ଼ି, ୪।୮ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତ କୁଳେଇପଦା ଗାଁର ବିଜୟ ଜେନା। ବୟସ ୪୦ ବର୍ଷ ହେବ। ସେ ଏବେ ଟ୍ୟୁମରରେ ଆକ୍ରାନ୍ତ। ଅର୍ଥାଭାବ ତାଙ୍କ ଚିକିତ୍ସାରେ ବାଧକ ସାଜିଛି। ବଞ୍ଚିବା ପାଇଁ ସେ ରାହା ଖୋଜୁଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କ ଚିକିତ୍ସା ଲାଗି ସହାୟତା ପ୍ରଦାନ କରାଯିବାକୁ ସେ ନିବେଦନ କରିଛନ୍ତି।

ବିଜୟ କହିଛନ୍ତି, ପ୍ରଥମେ ତାଙ୍କ ପେଟ ବିନ୍ଧୁଥିଲା। ସେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରୁ ଔଷଧ ଆଣି ଖାଉଥିଲେ। ଗତ ସପ୍ତାହରେ ପେଟ ଯନ୍ତ୍ରଣା ଅଧିକ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯିବା ପରେ ତାଙ୍କ ପିତକୋଷରେ ଟ୍ୟୁମର ହୋଇଥିବା ଜଣାପଡ଼ିଥିଲା। ଅସ୍ତ୍ରୋପଚାର ପାଇଁ ୫୦ ହଜାରରୁ ଅଧିକ ଟଙ୍କା ଆବଶ୍ୟକ ବୋଲି ବଡ଼ ମେଡିକାଲ ବିଶେଷଜ୍ଞ କହିଥିଲେ। ଦିନମଜୁରିଆ ଭାବେ କାମ କରୁଥିବାରୁ ଏତେ ପରିମାଣର ଟଙ୍କା ଯୋଗାଡ଼ କରିବା କଷ୍ଟକର। ସ୍ତ୍ରୀ ଓ ଦୁଇଝିଅଙ୍କୁ ନେଇ ତାଙ୍କ ପରିବାର। ଜମିବାଡ଼ି କହିଲେ ତାଙ୍କ ବାପାଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ୧ ଏକର ଜମି। ରାଶନ କାର୍ଡ ବ୍ୟତୀତ ଅନ୍ୟ ସରକାରୀ ସାହାଯ୍ୟ ତାଙ୍କୁ କିଛି ମିଳିନି। ଜାତୀୟ ସ୍ୱାସ୍ଥ୍ୟବୀମା କାର୍ଡ, ବିଜୁ କୃଷକ କାର୍ଡ ମଧ ତାଙ୍କୁ ମିଳିନାହିଁ। ୨୦ ବର୍ଷ ତଳେ ତାଙ୍କ ବାପା ବିଦ୍ୟାଧରଙ୍କର ବଜ୍ରପାତରେ ଦେହାନ୍ତ ହୋଇଥିଲା। ୧୦ ବର୍ଷ ପରେ ମା' ମଧ ଆରପାରିକୁ ଚାଲିଗଲେ। ପର ବିଲରେ ମୂଲ ଲାଗି ୨ ଭଉଣୀଙ୍କ ବିବାହ କରାଇଥିଲେ। ଆଉ ଏବେ ନିଜର ଚିକିତ୍ସା ପାଇଁ ଟଙ୍କା କେଉଁଠୁ ଆସିବ ସେ ନେଇ ସେ ଓ ତାଙ୍କ ସ୍ତ୍ରୀ ଚିନ୍ତିତ ହୋଇପଡ଼ିଛନ୍ତି। ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଗଲେ ତାଙ୍କର ଅସ୍ତ୍ରୋପଚାର ହୋଇପାରନ୍ତା ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।


ଟ୍ୟୁମରରେ ଆକ୍ରାନ୍ତ ବିଜୟ।

## ରକ୍ତଦାନ ଶିବିର

ଧାମନଗର, ୪।୮ (ଡି.ଏନ.ଏ.)

ଧାମନଗର ବ୍ଲକ ଦକ୍ଷିଣବାଡ଼ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବାକେନ୍ଦ୍ର ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଜିଲା ରକ୍ତଭଣ୍ଡାରକୁ ଦିଆଯାଇଛି। ଡା. ସୁରଥ ବିଶ୍ୱାଳ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମହେଶ୍ୱର ସ୍ୱାଇଁ ଏଥିରେ ପୌରୋହିତ୍ୟ କରିଥିଲେ। ରାଜ୍ୟରେ ବର୍ଷକୁ ୪.୫ ଲକ୍ଷ ୟୁନିଟ ରକ୍ତ ଆବଶ୍ୟକ। ରକ୍ତ ସଂଗ୍ରହ କରିବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଜଣେ ସୁସ୍ଥ ବ୍ୟକ୍ତି ବର୍ଷରେ ଥରେ ରକ୍ତଦାନ କରିବା ଉଚିତ। ଏହାଦ୍ୱାରା ହୃଦ୍‌ରୋଗ, ମଧୁମେହ, ରକ୍ତଚାପଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ ବୋଲି ମୁଖ୍ୟଅତିଥି ଖାଉଟି କଲ୍ୟାଣ ଜିଲା ସଭାପତି ରଘୁନାଥ କର ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବି.କେ. ଅନୁପମା, ସାହିତ୍ୟିକ ସଚ୍ଚିକାନ୍ତ ପଣ୍ଡା, ସତ୍ୟଭାମା ଓ ରତ୍ନାକର ଯୋଗ ଦେଇଥିଲେ। ଡା. ବିମଳା ମିଶ୍ର ଜିଲା ଟିମ୍‌କୁ ନେଇ ରକ୍ତ ସଂଗ୍ରହ କରିଥିଲେ।

## ଆଖଣ୍ଡଳମଣି ପୀଠ ଉନ୍ନତୀକରଣ ନେଇ ବୈଠକ


ବୈଠକରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଅନ୍ୟମାନେ।

ଭଦ୍ରକ ଅଫିସ, ୪।୮

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ଆଖଣ୍ଡଳମଣିଙ୍କ ପୀଠର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ନେଇ ପ୍ରସ୍ତୁତି ବୈଠକ ସାଳନ୍ଦୀ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଜିଲାପରିଷଦ ଅଧକ୍ଷ ଦ୍ୱିଜବର ରାଉତ, ଉପଜିଲାପାଳ ତଥା ଆରଡ଼ି ଟ୍ରଷ୍ଟ ବୋର୍ଡ ଅଧକ୍ଷ ପୀତାମ୍ବର ସାମଲଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଟ୍ରଷ୍ଟବୋର୍ଡର କର୍ମକର୍ତ୍ତା ଏବଂ ସେବାୟତମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୀଠର ଉନ୍ନତୀକରଣ ସହ ସୌନ୍ଦର୍ଯ୍ୟକରଣ କିପରି ବୃଦ୍ଧି ପାଇପାରିବ ସେ ସମ୍ପର୍କରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ମନ୍ଦିରର ଗର୍ଭଗୃହ ମରାମତି ସହ ବେଢ଼ାର ଉନ୍ନତୀକରଣ ଓ ଚାରିପାର୍ଶ୍ୱରେ ଥିବା ଚାରିଦ୍ୱାରକୁ ଓସାରିଆ କରାଯିବା, ମନ୍ଦିର ଓ ଶିବଗଙ୍ଗା ପୁଷ୍କରିଣୀର ଚତୁଃପାର୍ଶ୍ୱରେ ଲାଇଟ୍ ଓ ସାଉଣ୍ଡ ବ୍ୟବସ୍ଥା କରାଯିବା ଉପରେ ଆଲୋଚନା ହୋଇଥିଲା। ସେହିପରି ଡ୍ରେନେଜ୍ ବିଭାଗ ପକ୍ଷରୁ ମନ୍ଦିର ପୋଖରୀକୁ ପାଣି ପଶିବା ସହ ନିଷ୍କାସନ ବ୍ୟବସ୍ଥା କରାଯିବା, ଧର୍ମଶାଳାର ପୁନରୁଦ୍ଧାର କାର୍ଯ୍ୟ ଏବଂ ଶ୍ରାବଣୀମନ୍ଦିରକୁ ସ୍ୱତନ୍ତ୍ର ଭାବେ ନିର୍ମାଣ ଆଦି ବିଷୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆରଡ଼ି ସରପଞ୍ଚ ଅରବିନ୍ଦ ପାଢ଼ୀଙ୍କ ସମେତ ୪ ପଞ୍ଚାୟତର ସରପଞ୍ଚ, ସମାଜସେବୀ ଅଶୋକ ବଳ ଓ ଅନ୍ୟାନ୍ୟ କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ। ଶେଷରେ ଟ୍ରଷ୍ଟବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ବିଦ୍ୟାଧର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନଜୀବୀ ସଚ୍ଚିଦାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ଭଦ୍ରକ ଅଫିସ, ୪।୮

ବିଶିଷ୍ଟ ଆଇନଜୀବୀ, ଜନନେତା ଓ ଭଦ୍ରକ ବାର ଆସୋସିଏଶନର ପୂର୍ବତନ ସଭାପତି ସ୍ୱର୍ଗତ ସଚ୍ଚିଦାନନ୍ଦ ମହାନ୍ତିଙ୍କ ୨ୟ ଶ୍ରାଦ୍ଧବାର୍ଷିକୀରେ ସ୍ମୃତି ସମାରୋହ ଜିଲା ସଂସ୍କୃତିଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଚ୍ଚିଦାନନ୍ଦ ମହାନ୍ତି ସ୍ମୃତି କମିଟି ଓ ବାର ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। 'ନ୍ୟାୟ- କାଲି, ଆଜି ଓ ଆସନ୍ତାକାଲି' ଶୀର୍ଷକରେ ଆଲୋଚନା ହୋଇଥିଲା। ଜଷ୍ଟିସ୍ ବୀରକିଶୋର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜବାଦୀ ଚିନ୍ତା ଓ ଚେତନାର ମଣିଷ ତଥା ଜଣେ ନିର୍ଭୀକ ଆଇନଜୀବୀ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିବା ସହ ନ୍ୟାୟ ବ୍ୟବସ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ମୃତିସଭାରେ ସୁସାହିତ୍ୟିକ, ଗବେଷକ ଅସିତ ମହାନ୍ତି ମୁଖ୍ୟବକ୍ତା, ବରିଷ୍ଠ ଆଇନଜୀବୀ ତଥା ବାର କାଉନସିଲ ଅଫ୍ ଇଣ୍ଡିଆର ମ୍ୟାନେଜିଂ ଟ୍ରଷ୍ଟି ଦେବୀପ୍ରସାଦ ଧଳ ବରେଣ୍ୟ ଅତିଥି, ବରିଷ୍ଠ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ଖବରଦାତା ଅମର ନାୟକ, ଆଇନଜୀବୀ ବିଷ୍ଣୁମୋହନ ମହାପାତ୍ର, ଭଦ୍ରକ ଜିଲା ଫ୍ୟାମିଲି କୋର୍ଟ ଜଜ୍ ସଞ୍ଜୀବ ଦୁବେ, ଭଦ୍ରକ ବାର ଆସୋସିଏଶନର ସଭାପତି ଦିଲୀପ ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର ଓ ସ୍ମୃତି କମିଟିର ସମ୍ପାଦକ ସମାଜସେବୀ ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଅନ୍ୟତମ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧ୍ୟାପିକା ଡ. ରାଧାରାଣୀ ମହାପାତ୍ର ସ୍ୱାଗତ ଭାଷଣ ଓ ସାହିତ୍ୟିକ ଅଭିଜିତ୍ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସାହିତ୍ୟିକ ଅସିତ୍ ମହାନ୍ତିଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ଯୁଗଳକିଶୋର ପଟ୍ଟନାୟକ ଓ ବରିଷ୍ଠ ଆଇନଜୀବୀ ନିରାକାର ଜେନା, ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ, ଶିକ୍ଷକ ନେତ୍ରୀ ଚାରୁଲତା ମହାପାତ୍ର ଓ ସୁରଜିତା ନାୟକ ପ୍ରମୁଖ ସଭା ପରିଚାଳନା କରିଥିଲେ।

## ବୃକ୍ଷରୋପଣ ସଚେତନତା କାର୍ଯ୍ୟକ୍ରମ

ବନ୍ତ, ୪।୮ (ଡି.ଏନ.ଏ.)

ବନ୍ତ ବ୍ଲକ ତୋଡଗାଁ ଛାତ୍ରସଂସଦ ଆନୁକୂଲ୍ୟରେ ତୋଡଗାଁଠାରେ ବୃକ୍ଷରୋପଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତିପ୍ରେମୀ ବିଷ୍ଣୁମୋହନ ଖିଲାରଙ୍କ ସହଯୋଗ ଓ ସଂସଦର ସଭାପତି ବରୁଣ ଚନ୍ଦ୍ର ଖିଲାର, ସମ୍ପାଦକ ଦିନେଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବୃକ୍ଷରୋପଣର ମହତ୍ତ୍ୱ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ସୁଧାଂଶୁ ସାହୁ, ମାନସ ପହି, ଉମାକାନ୍ତ ସେଠୀ, ଅତିଶ ନନ୍ଦ, ସମରେନ୍ଦ୍ର ଜେନା, ପ୍ରକାଶ ଜେନା, ଅଜିତ୍ ନନ୍ଦ, ସଦାନନ୍ଦ ସାହୁ, ଦିଲୀପ ବାରିକ ଓ ନରେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ନିକିତା ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଶିଶୁମନ୍ଦିର ରାସ୍ତାପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା।


ତୋଡ଼ଗାଁଠାରେ ଛାତ୍ରସଂସଦ ସଦସ୍ୟମାନେ ଗଛ ଲଗାଉଛନ୍ତି।

## ପ୍ରଶାସନ ହସ୍ତକ୍ଷେପରେ ତୁଟିଲା ଶହୀଦପୀଠ ଜମି ବିବାଦ

ବାସୁଦେବପୁର, ୪।୮ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରର ରକ୍ତତୀର୍ଥ ଇରମ ଶହୀଦପୀଠର ଜମି ବିବାଦ ଦୀର୍ଘବର୍ଷ ଧରି ଲାଗି ରହିଥିଲା। ଫଳରେ ଐତିହାସିକ ପୀଠର ଉନ୍ନତିକରଣ ହୋଇପାରୁ ନ ଥିଲା। ସ୍ଥାନୀୟ ପ୍ରଶାସନ ଓ ରାଜ୍ୟ ପର୍ଯ୍ୟଟନ ବିଭାଗର ହସ୍ତକ୍ଷେପ ଫଳରେ ଏହି ଜମି ସମସ୍ୟାର ସମାଧାନ ହୋଇଥିବା ଜଣାପଡ଼ିଛି। ଶହୀଦ ପୀଠସ୍ଥଳ ସଂଲଗ୍ନ ଅଞ୍ଚଳର କେତେକ ପ୍ଲଟ୍‌ର ଜମି ଜଣେ ବ୍ୟକ୍ତିଙ୍କ ଦଖଲରେ ଥିବାବେଳେ ଏହା ତାଙ୍କ ଜମି ବୋଲି ସେ ଦାବି କରିଆସୁଥିଲେ। ପ୍ରଶାସନ, ପର୍ଯ୍ୟଟନ ବିଭାଗ, ସ୍ଥାନୀୟ ସରପଞ୍ଚ ଓ ସମ୍ପୃକ୍ତ ଜମିର ମାଲିକାନା ଦାବି କରୁଥିବା ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ଜମି ବିବାଦ ସମାଧାନ ହୋଇଯାଇଥିବାରୁ ଶହୀଦପୀଠର ଉନ୍ନତିକରଣ ପାଇଁ ବାଟ ଫିଟିଛି। ମୋଟ ୬୯ ଡିସିମିଲ ଜମିକୁ ପ୍ରଶାସନ ଚିହ୍ନଟ କରିବା ସହିତ ଖୁଣ୍ଟ ପକାଇ ନିଜ ଅକ୍ତିଆରକୁ ନେଇଛି।

ଅତିରିକ୍ତ ତହସିଲଦାର ରାଧାକାନ୍ତ ବାରିକ, ଆଇଆଇସି ଉମାଶଙ୍କର ନାୟକ, ଇରମ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ବିଡିଓ ବୀରକିଶୋର ପାଣିଗ୍ରାହୀ ପ୍ରମୁଖଙ୍କ ଉପସ୍ଥିତିରେ ଗତ ୩୧ ଓ ଚଳିତ ମାସ ୨ ତାରିଖରେ ମାପଚୁପ ହୋଇ ଏହି ଜମିକୁ ଚିହ୍ନଟ କରାଯାଇଥିବା ସରପଞ୍ଚ ବିଶ୍ୱାଳ କହିଛନ୍ତି। ସେହିପରି ଶହୀଦ ପୀଠକୁ ଲାଗି ଏକ ଅର୍ଦ୍ଧନିର୍ମିତ ଅଙ୍ଗନୱାଡି କେନ୍ଦ୍ରକୁ ତୁରନ୍ତ ନିକଟସ୍ଥ ବିଦ୍ୟାଳୟକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ହୋଇଛି। ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ବାବଦକୁ ଖର୍ଚ୍ଚ ହୋଇଥିବା ଅର୍ଥ ଏହି ପୀଠର ଉନ୍ନତିକରଣ ପାଇଁ ଦାୟିତ୍ୱ ନେଇଥିବା ପର୍ଯ୍ୟଟନ ବିଭାଗ ଭରଣା କରିବ ବୋଲି ସରପଞ୍ଚ ସୂଚନା ଦେଇଛନ୍ତି। ଶନିବାର ସିଡିପିଓ ଜାନକୀ ଦାସ ଓ ସରପଞ୍ଚ ବିଶ୍ୱାଳ ଅର୍ଦ୍ଧନିର୍ମିତ ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିବା ସହିତ ଏ ସମ୍ପର୍କରେ ଆଲୋଚନା କରିଥିଲେ।

**ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ର ହେବ ସ୍ଥାନାନ୍ତର**


ସିଡିପିଓ ଜାନକୀ ଦାସ ଓ ଇରମ ସରପଞ୍ଚ ଅର୍ଦ୍ଧନିର୍ମିତ ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖୁଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଝୁମ୍ପୁରା, ୪।୮(ଡି.ଏନ.ଏ.)- ଝୁମ୍ପୁରା ଥାନାଞ୍ଚଳ ଅନ୍ତର୍ଗତ ଦୁଧକୁଣ୍ଡି ଗ୍ରାମର ସିଦ୍ଧୁ ମୁଣ୍ଡା (୩୫ବର୍ଷ) କୀଟନାଶକ ଔଷଧ ପିଇ ଆତ୍ମହତ୍ୟା କରିଥିବା ପୋଲିସ ସୂତ୍ରରୁ ଜଣା ପଡିଛି। ପାରିବାରିକ କଳହରୁ ଶନିବାର ସିଦ୍ଧୁ ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ପରିସ୍ଥିତି ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରବିବାର ସକାଳ ସମୟରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଝୁମ୍ପୁରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୧୪/୨୦୧୯) ରୁଜୁ ହୋଇଛି।

### ଦୁର୍ଘଟଣାରେ ପ୍ରଧାନ ଶିକ୍ଷକ ଗୁରୁତର

ଆନନ୍ଦପୁର,୪। ୮(ସ୍ୱ.ପ୍ର.)- ଘସିପୁରା ଥାନା ଦେଓଗାଁର ଡିଙ୍କିଆ ଛକ ନିକଟରେ ଏକ ସଡକ ଦୁର୍ଘଟଣାରେ ପ୍ରଧାନଶିକ୍ଷକ ମହେନ୍ଦ୍ରକୁମାର ମାଝି ଗୁରୁତର ଆହତ ହୋଇ ପ୍ରଥମେ ଆନନ୍ଦପୁର ମୁଖ୍ୟଚିକିତ୍ସାଳୟ ଓ ପରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେ ଧୋରଡିଆମ୍ବ ଗ୍ରାମପଞ୍ଚାୟତ ହାଇସ୍କୁଲ୍‌ର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ସେ ଶନିବାର ସକାଳ ସମୟରେ ସ୍କୁଲ ବନ୍ଦ ହେବା ପରେ ନିଜଘର ଘସିପୁରା ବ୍ଲକ୍ ଖଲଣା ଗ୍ରାମକୁ ଫେରିବା ସମୟରେ, ସମ୍ମୁଖରୁ ଆସୁଥିବା ଏକ ମୋଟରସାଇକେଲ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଅଚେତ ଅବସ୍ଥାରେ ରାସ୍ତାରେ ପଡିରହିଥିଲେ। ଖବରପାଇ ଘସିପୁରା ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ପ୍ରଧାନ ଶିକ୍ଷକଙ୍କୁ ଆନନ୍ଦପୁର ମୁଖ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ।

### ସଡ଼କ ଦୁର୍ଘଟଣାରେ ୪ ଆହତ

କେନ୍ଦୁଝର, ୪।୮ (ସ୍ୱ.ପ୍ର.)- ସଦର ଥାନା ପଦ୍ମପୁର ନିକଟରେ ଜାତୀୟ ରାଜପଥ ୨୦ ରେ ରବିବାର ଟ୍ରେଲର ଓ ଭ୍ୟାନ ମୁହାଁମୁହିଁ ହେବା ଫଳରେ ଭ୍ୟାନ ଚାଳକଙ୍କ ସମେତ ଗାଡିରେ ଥିବା ଅନ୍ୟ ଜଣେ ଆହତ ହୋଇଛନ୍ତି। ଆହତ ମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ମଧ୍ୟାହ୍ନ ପ୍ରାୟ ୧୨ଟାରେ କେନ୍ଦୁଝର ଆଡକୁ ଆସୁଥିବା ଟ୍ରେଲର ସହିତ ବିପରୀତ ଦିଗକୁ ଯାଉଥିବା ଏକ ପାୱାର ଟିଲର ଲୋଡ କରି ଯାଉଥିବା ଭ୍ୟାନ ସହ ଧକ୍କା ହୋଇଥିଲା। ଫଳରେ ଭ୍ୟାନଟି ଓଲଟି ଠିଆ ହୋଇଯାଇଥିଲା। ସେହିପରି ଡଙ୍ଗାପାଣି ନିକଟରେ ଏନଏଚ ୪୯ରେ ଦୁଇଟି ଲାଇନ ଟ୍ରକ ମୁହାଁ ମୁହିଁ ଧକ୍କା ହେବା ଫଳରେ ଦୁଇ ଟ୍ରକର ଚାଳକ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଗ୍ୟାସ କଟର ସହାୟତାରେ ବାହାର କରି ମେଡିକାଲ ଅଣାଯାଇଥିଲା।

### ସ୍ୱାସ୍ଥ୍ୟ ସଚେତନତା ଶିବିର

ବଡବିଲ, ୪।୮(ସ୍ୱ.ପ୍ର.)- କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳର ପିଏଚଡି, ସାନ୍ତବାହାଳ ଓ ଷ୍ଟେଶନ ରୋଡରେ ରବିବାର ଆସଲେପିଓସ ୱେଲନେଓ ପ୍ରାଇଭେଟ ଲିମିଟେଡ ନାମକ ଏକ ଆୟୁର୍ବେଦ ସଂସ୍ଥା ତରଫରୁ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଦୈନନ୍ଦିନ ଶାରିରୀକ ପରିଶ୍ରମ, ଖାଦ୍ୟରେ ପରିବର୍ତ୍ତନର ଆବଶ୍ୟକତା ଥିବା ନେଇ ଶିବିରରେ ଯୋଗଦେଇଥିବା ଅତିଥିମାନେ ମତପୋଷଣ କରିଥିଲେ। ଏହାଫଳରେ ମନୁଷ୍ୟ ଏକ ସୁସ୍ଥ ଜୀବନ ଶୈଳୀ ଦେଇ ଗତି କରେ। ଏହା ସହ ଆୟୁର୍ବେଦ ଔଷଧୀୟ ଗୁଣର ଉପାଦେୟତା ଉପରେ ଅତିଥିମାନେ କହିଥିଲେ।

# ଉଠା ସେଚ ପ୍ରକଳ୍ପ ଅଚଳ

କେନ୍ଦୁଝର, ୪।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଅନିୟମିତତା ବର୍ଷା ଯୋଗୁ ଚଳିତ ବର୍ଷ ଚାଷ କାର୍ଯ୍ୟ ବ୍ୟାହତ ହୋଇଛି। ଫଳରେ ଚାଷୀମାନେ ଚିନ୍ତାରେ ରହିଛନ୍ତି। ଚାଷ କାର୍ଯ୍ୟ ଆରମ୍ଭ କରିଥିବା ଚାଷୀମାନେ କ୍ଷତିଗ୍ରସ୍ତ ହେବା ଆଶଙ୍କା କରି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଠିକ ସମୟରେ ବର୍ଷା ନ ହେଲେ ଚାଷ କ୍ଷତିଗ୍ରସ୍ତ ହେବ ଏବଂ ଧାରକରଜ କରି ଖର୍ଚ୍ଚ କରିଥିବା ଅର୍ଥ କିପରି ଫେରିପାଇବେ ଓ ବର୍ଷ ତମାମ ଘର କିପରି ଚଳିବ ସେ ନେଇ ଚିନ୍ତା ପ୍ରକଟ କରୁଛନ୍ତି।

ଏହି ପରିସ୍ଥିତିରେ ବିଭିନ୍ନ ନଦୀ/ନାଳରେ ନିର୍ମାଣ କରାଯାଇଥିବା ଜଳସେଚନ ପ୍ରକଳ୍ପ ସେମାନଙ୍କ ସାହା ଭରସା ହୋଇଛି। ଏହି ଆଶାରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ ହେଁ ଅନେକ ଅଞ୍ଚଳରେ ଜଳସେଚନ ପ୍ରକଳ୍ପ ଗୁଡିକ ଅଚଳ ହୋଇଯାଇଥିବାରୁ ଚାଷୀମାନେ ଅଡୁଆ ପରିସ୍ଥିତିରେ ପଡ଼ିଯାଇଛନ୍ତି। ଏଭଳି ସମସ୍ୟା ସଦର ବ୍ଲକ ରାଇସୁଆଁ, ପଦ୍ମପୁର, ନୂଆଗାଁ ଆଦି ପଞ୍ଚାୟତର ଚାଷୀମାନେ ସମ୍ମୁଖୀନ ହୋଇ ପଡିଛନ୍ତି। ଏହି ପଞ୍ଚାୟତ ଗୁଡିକରେ ଜଳସେଚନର ବ୍ୟବସ୍ଥା ଥିଲେ ହେଁ କାମରେ ଲାଗୁ ନ ଥିବାରୁ ଚାଷୀମାନେ ଚାଷ କାର୍ଯ୍ୟ ଆଗେଇ ପାରୁନାହାନ୍ତି। ଏ ନେଇ ଅଭିଯୋଗ କରୁଥିଲେ ହେଁ କେହି ଶୁଣୁ ନ ଥିବାରୁ କିପରି ଚାଷ କରିବେ ସେ ନେଇ ଚିନ୍ତା ପ୍ରକଟ କରୁଛନ୍ତି। ଚାଷ ପାଇଁ ଜଳସେଚନ ବ୍ୟବସ୍ଥା କରିବା ଲାଗି ସାନମାଛ କାନ୍ଦଣା ନଦୀ ଓ ଅରଡେଇ ନଦୀରେ ବହୁ ବନ୍ଧ କେନାଲ ଆଦି ନିର୍ମାଣ କରାଯାଇଛି। ବନ୍ଧ ଓ କେନାଲ ନିର୍ମାଣ ତଥା ମରାମତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ହେଁ ଆବଶ୍ୟକ ସମୟରେ ପାଣି ପାଉ ନ ଥିବା ଚାଷୀମାନେ ଅଭିଯୋଗ କରିଆସୁଛନ୍ତି। ଏହି ନଦୀରେ ପାଣି ଅଛି କିନ୍ତୁ ଜମିକୁ ମାଡୁନାହିଁ। ଏଣୁ ଚାଷୀମାନେ ପାଣି ନିକଟରେ ଥାଇ ଚାଷ ପାଇଁ ପାଣି ପାଇପାରୁ ନ ଥିବାରୁ ଜଳ ସମସ୍ୟା ମଧ୍ୟରେ ରହୁଥିବା ଅଭିଯୋଗ କରୁଛନ୍ତି। ପଦ୍ମପୁର ପଞ୍ଚାୟତର ଜଡିଚାତର ଗ୍ରାମରେ ଅରଡେଇ ଓ ମାଛକାନ୍ଦଣା ନଦୀରେ ୨ଟି, ସାନମାଛକାନ୍ଦଣା ନଦୀରେ ଭାଟୁଣିଆ ଗ୍ରାମରେ ୨ଟା ଉଠା ଜଳସେଚନ ପ୍ରକଳ୍ପ ଓ ନୂଆଗାଁ ପଞ୍ଚାୟତ ରତନପୁର ଗ୍ରାମରେ ଅରଡେଇ ନଦୀରେ ଗୋଟିଏ ଉଠା ଜଳସେଚନ ପ୍ରକଳ୍ପ ରହିଥିଲେ ହେଁ ଅଚଳ ହୋଇ ରହିଥିବାରୁ ଚାଷ କାର୍ଯ୍ୟରେ ଲାଗିପାରୁନାହିଁ। ଏହି ଅଞ୍ଚଳର ଅଧିକାଂଶ ଚାଷୀ ଗରିବ ଓ ଆଦିବାସୀ ପରିବାରର ଅଟନ୍ତି। ଚାଷ ଉପରେ ସମସ୍ତେ ନିର୍ଭରଶୀଳ। ଧାନଚାଷ ବ୍ୟତୀତ ବିଲାତି, ବାଇଗଣ ଆଦି ପନିପରିବା ଚାଷ କରି ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି। ନଦୀରେ ପାଣି ଅଛି। କିନ୍ତୁ ବିଭିନ୍ନ କାରଣରୁ ଉଠା ଜଳସେଚନ ପ୍ରକଳ୍ପ ଗୁଡିକ ଅଚଳ ହୋଇ ପଡିଥିବାରୁ ଆବଶ୍ୟକତା ଥିବା ସମୟରେ ଜମିକୁ ପାଣି ମଡାଯାଇପାରୁନାହିଁ। ଫଳରେ ଚାଷ ନଷ୍ଟ ହେବାକୁ ବସିଛି ବୋଲି ଜଡିଚାତର ଗ୍ରାମର ଚାଷୀ ଦିଲିପ କୁମାର ମାଝି କହିଛନ୍ତି। ପାଣି ପଞ୍ଚାୟତ ଗଠନ କରି ସରକାର ଦାୟିତ୍ୱ ଶେଷ କରିଦେଉଛନ୍ତି। କିନ୍ତୁ ଚାଷୀଙ୍କ ଜମିକୁ ପାଣି କିପରି ମାଡିବ ସେଥିପ୍ରତି ଧ୍ୟାନ ଦେଉନାହାନ୍ତି। ଏଣୁ ଚାଷୀମାନେ କଷ୍ଟ କରୁଥିଲେ ହେଁ ଲାଭବାନ ହୋଇପାରୁନାହାନ୍ତି ବୋଲି ଚାଷୀ ଗୋପାଳ ମାଝି କହିଛନ୍ତି। ବିଦ୍ୟୁତ ସମସ୍ୟା ଯୋଗୁ ଉଠାଜଳସେଚନ ପ୍ରକଳ୍ପଗୁଡିକ କାମ କରୁନାହିଁ। ଏ ନେଇ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ଏଣୁ ଏ ନେଇ ସ୍ଥାୟୀ ପ୍ରତିକାର କରାଗଲେ ସମସ୍ତେ ଉପକୃତ ହୋଇପାରନ୍ତେ ବୋଲି ଚାଷୀ ରଘୁନାଥ ମାଝି କହିଛନ୍ତି।



ଡ୍ୟାମରେ ପାଣି ଅଛି କିନ୍ତୁ ଚାଷ ଜମିକୁ ମାଡ଼ି ପାରୁନାହିଁ।

**ପାଣି ଅଛି ହେଉନି ଚାଷ**

■ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହୋଇ ଯୁବକଙ୍କ ମୃତ୍ୟୁ ଘଟଣା

# ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ

ଆନନ୍ଦପୁର, ୪।୮(ସ୍ୱ.ପ୍ର.)

ଗତ ଜୁଲାଇ ୧୨ ତାରିଖ ଶୁକ୍ରବାର ଦୁର୍ଘଟଣାରେ ଶିକାର ଜଣେ ଗୁରୁତର ଆହତ ଆଦିବାସୀ ଯୁବକଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ସତ୍ତ୍ୱେ ଆମ୍ବୁଲାନ୍ସ ସେବା ପାଇ ନ ପାରି ଶେଷରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁବରଣ କରିଥିଲେ। ସେ ହେଉଛନ୍ତି ଘଟଗାଁ ବ୍ଲକ ପଣ୍ଡାପଡା ଅଞ୍ଚଳର ରଘୁନାଥ ନାୟକ। ସେ ବାଇକ୍ ଯୋଗେ ୨୦ ନଂ ଜାତୀୟ ରାଜପଥ ଗୋହିରା ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଗୁରୁତର ଆହତ ରଘୁନାଥଙ୍କୁ ସନ୍ଧ୍ୟା ପ୍ରାୟ ୬ଟା ୨୦ ମିନିଟରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତରଙ୍କ ରେଫର୍ ପରେ ପାଖାପାଖି ୪ ଘଣ୍ଟା ପର୍ଯ୍ୟନ୍ତ ୧୦୮ ଆମ୍ବୁଲାନ୍ସ ସହିତ ଯୋଗାଯୋଗ କରାଯାଇଥିଲେ ବି ଆମ୍ବୁଲାନ୍ସ ପହଞ୍ଚି ପାରି ନ ଥିଲା। ପରେ ପାଖାପାଖି ରାତି ସାଢ଼େ ୧୦ଟାରେ ସମ୍ପୃକ୍ତ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ସମ୍ପର୍କରେ ଗତ ଜୁଲାଇ ୧୪ ତାରିଖ ରବିବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହି ଘଟଣାକୁ ଆଧାର କରି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯୁବକଙ୍କୁ ନ୍ୟାୟ ଦେବା ଆଶାରେ ଆନନ୍ଦପୁର ଉପଖଣ୍ଡ ସୋଲପଟା ଗ୍ରାମର ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ନଂ ୯୦୩୪/ଆଇଏନ/୨୦୧୯। ଅଭିଯୋଗ ଅନୁଯାୟୀ, ସ୍ୱାସ୍ଥ୍ୟ ସେବା ବିଫଳ ହୋଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ମୃତକଙ୍କ ପରିବାରବର୍ଗଙ୍କୁ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବା ନିମନ୍ତେ ହିମାଂଶୁ ଅଭିଯୋଗରେ ଦର୍ଶାଇଛନ୍ତି।

■ ରାସ୍ତା ପାର୍ଶ୍ୱ ଜବରଦଖଲ ହଟାଇବା ପ୍ରସଙ୍ଗ

# କଠୋର ହେଲା ତହସିଲ ପ୍ରଶାସନ

ଝୁମ୍ପୁରା, ୪।୮(ଡି.ଏନ.ଏ.)

ଝୁମ୍ପୁରା ମୁଖ୍ୟ ବଜାର ରାସ୍ତା ଏବଂ ବ୍ଲକ, ତହସିଲ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାର ୨ପାର୍ଶ୍ୱରେ ଦିନକୁ ଦିନ ଜବରଦଖଲ ପ୍ରକ୍ରିୟା ବଢିବାରେ ଲାଗିଛି। ସେହି ଅନୁସାରେ ଝୁମ୍ପୁରା ତହସିଲ କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗ ବଢିବାରେ ଲାଗିଛି। ମୁଖ୍ୟ ବଜାର ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ରହିଥିଲେ ମଧ୍ୟ ଜବରଦଖଲକାରୀ ନିଜ ନିଜ ଦୋକାନ ଘରଗୁଡିକ ରାସ୍ତା ପାର୍ଶ୍ୱକୁ (ଡ୍ରେନ ଉପରେ) ଲମ୍ବାଇ ଚାଲିଛନ୍ତି। ଡ୍ରେନ ଉପରେ ବେନିୟମ ଅବରୋଧ ହେବା ଯୋଗୁ ବଜାର ଅଞ୍ଚଳରେ ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ଦେଖା ଦେଉଛି। ବାଇକ ଆରୋହୀ, ସାଧାରଣ ପଥଚାରୀ, ଯାତାୟାତରେ ଘୋର ଅସୁବିଧା ଭୋଗୁଛନ୍ତି। ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଉପରେ ଯାନବାହନ ପାର୍କିଂ ମଧ୍ୟ ଟ୍ରାଫିକ ସମସ୍ୟାକୁ ଜଟିଳ କରୁଛି। ବାରମ୍ବାର ପ୍ରଶାସନିକ ତାଗିଦ ପରେ ମଧ୍ୟ ବଜାର ରାସ୍ତା ପାର୍ଶ୍ୱରେ ବେନିୟମ ନିର୍ମାଣ ବଢି ଚାଲିଥିବାରୁ କଠୋର ହୋଇଛି ତହସିଲ ପ୍ରଶାସନ। ୨ଦିନ ହେବ ରାସ୍ତା ପାର୍ଶ୍ୱ ସରକାରୀ ଜମିର ପାମଚୁପ ତହସିଲ ଦ୍ୱାରା ଆରମ୍ଭ କରାଯାଇଛି। ସୂଚନା ଅନୁଯାୟୀ ଆଉ ୩ ଦିନ ମଧ୍ୟରେ ମାପଚୁପ କାମ ସରିଯିବ। ରାସ୍ତା ପାର୍ଶ୍ୱ ଜବରଦଖଲ ନେଇ ପଚାରିବାରୁ ଝୁମ୍ପୁରା ତହସିଲଦାର ଜନକ ନାୟକ କହିଛନ୍ତି ଯେ, ମାପଚୁପ ପରେ ରାସ୍ତାପାର୍ଶ୍ୱ ସମ୍ପୃକ୍ତ ବେନିୟମ ଜବରଦଖଲକାରୀଙ୍କୁ ଡ୍ରେନ ଉପରୁ ଓ ପାର୍ଶ୍ୱରୁ ହଟିଯିବା ପାଇଁ ନୋଟିସ ଦିଆଯିବ। ନୋଟିସ ଦ୍ୱାରା ଜବରଦଖଲକାରୀ ନ ମାନିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଝୁମ୍ପୁରା ମୁଖ୍ୟ ବଜାର ରାସ୍ତା।

### ଡିଏଭି ସ୍କୁଲ ରାସ୍ତାରେ ଟ୍ରାଫିକ ସମସ୍ୟା

କେନ୍ଦୁଝର, ୪।୮ (ସ୍ୱ.ପ୍ର.)

ସ୍ଥାନୀୟ ଭାଲୁକିପତଳା ସ୍ଥିତ ଡିଏଭି ସ୍କୁଲ ରାସ୍ତାର ଦୁରବସ୍ଥା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଡ୍ରେନ ସଫା ଆଳରେ ଡ୍ରେନର ମଇଳା ଆବର୍ଜନା ରାସ୍ତା ଉପରେ ଜମା କରାଯାଇଥିବାରୁ ରାସ୍ତା ସଙ୍କୁଚିତ ହୋଇପଡିଛି। ଫଳରେ ସ୍ଥାନୀୟ ଲୋକ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ଶୁକ୍ରବାର ସ୍କୁଲ ସମୟରେ ପୌରପାଳିକାର ଟ୍ରାକ୍ଟର ମଇଳା ସଫା କରିବାକୁ ଯାଇ ରାସ୍ତାରେ ଛିଡା ହୋଇଥିବାରୁ ଯାତାୟାତ ବହୁ ସମୟ ବାଧାପ୍ରାପ୍ତ ହୋଇ ପଡିଥିଲା। ସ୍କୁଲକୁ ଯାଉଥିବା ଛାତ୍ରୀଛାତ୍ର ଠିକ ସମୟରେ ପହଞ୍ଚି ପାରି ନ ଥିଲେ। ଅନେକେ ଫେରିଯାଇ ବୁଲି ଅଲଗା ରାସ୍ତାରେ ଯିବାକୁ ବାଧ୍ୟ ହୋଇଥିଲେ। ସେହିପରି ଅଫିସ ସମୟ ହୋଇଥିବାରୁ ବହୁ କର୍ମଚାରୀଙ୍କୁ ଅଟକି ରହିବାକୁ ପଡିଥିଲା। ସାମାନ୍ୟ ବର୍ଷା ହେଲେ ଉକ୍ତ ରାସ୍ତାରେ ପାଣି ଜମା ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥାଏ। ସେହିପରି ନିୟମିତ ଡ୍ରେନ ସଫେଇ ହେଉ ନ ଥିବା, ଜଳ ନିଷ୍କାସନ ଠିକ ଭାବରେ ହୋଇପାରୁ ନ ଥିବାରୁ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ତେବେ ଦୀର୍ଘ ଦିନ ଧରି ଏଭଳି ସମସ୍ୟା ଲାଗି ରହିଥିଲେ ହେଁ ସ୍ଥାୟୀ ସମାଧାନ କରାଯାଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗୁଛି। ଉକ୍ତ ସାହିରେ ବହୁ ବଡ ବଡ ଅଟ୍ଟାଳିକା ନିର୍ମାଣ ହୋଇଥିଲେ ହେଁ ଜଳ ନିଷ୍କାସନ, ପରିମଳ ବ୍ୟବସ୍ଥା ପରିଚାଳନା ଆଦି ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଟାଉନ ପ୍ଲାନିଂ ଓ ପୌରପାଳିକା ମଧ୍ୟରେ ସମନ୍ୱୟର ଅଭାବ ଓ ବ୍ୟାପକ ଦୁର୍ନୀତି ଯୋଗୁ ଉକ୍ତ ସାହିର ଅବସ୍ଥା ଗୁରୁତର ହୋଇପଡୁଛି। ଏଣୁ ଏ ନେଇ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

# ଦିବ୍ୟାଙ୍ଗ ହେଲେବି ହାରି ନାହାନ୍ତି ଗୌତମ

କେନ୍ଦୁଝର, ୪।୮(ଡି.ଏନ.ଏ.)

ଗୌତମ ମହାନ୍ତ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ସୁନାପେଣ୍ଠ ପଞ୍ଚାୟତର କଣ୍ଟଲା ଗ୍ରାମର ବାସିନ୍ଦା। ୨୦୦୩ରେ କର୍କଟ ରୋଗରେ ପୀଡିତ ହୋଇ ଡାହାଣ ଗୋଡଟି କେନ୍ଦୁଝର ଚିକିତ୍ସାଳୟରେ କଟାଯାଇଥିଲା। ତା'ପରେ ଅନେକ ଅସୁବିଧାର ସମ୍ମୁଖୀନ ହେଲେବି ଭାଙ୍ଗି ପଡିନାହାନ୍ତି ଗୌତମ। ସୁନାପେଣ୍ଠ ପଞ୍ଚାୟତ ହାଇସ୍କୁଲରୁ ମାଟ୍ରିକ୍ ପାସ ପରେ ଅଭାବ ହେତୁ ଆଉ ପାଠ ପଢି ପାରି ନ ଥିଲେ। ସବୁଠାରୁ ବଡକଥା ହେଲା ଦିବ୍ୟାଙ୍ଗ ହେଲେବି ୨୦୧୩ରେ ରଞ୍ଜିତା ମହାନ୍ତଙ୍କୁ ଜୀବନସାଥୀ କରିଥିଲେ ଗୌତମ। ଏବେ ତାଙ୍କର ଗୋଟିଏ ୫ବର୍ଷର ପୁଅ ଅଛି। ପରିବାରରେ ବାପା କୈଳାସ ମହାନ୍ତ ଓ ମାତା କମଳାଙ୍କ ସାଙ୍ଗରେ ରହୁଥିବା ସେ ପ୍ରକାଶ କରିଛନ୍ତି। ଚାଷଜମି ନ ଥିଲେ ବି ତାଙ୍କ ବାପା ଭାଗଚାଷ କରିବା ସହ ଗୌତମ ନିଜ ଗ୍ରାମରେ ଛୋଟ ଛୋଟ ପିଲାଙ୍କୁ ଟ୍ୟୁଶନ କରି ପରିବାର ଚଳାଉଥିବା କହିଛନ୍ତି। ଟ୍ୟୁଶନରୁ ମାସିକ ୧୫୦୦ ରୁ ୨୦୦୦ ଟଙ୍କା ରୋଜଗାର କରୁଛନ୍ତି। ଅପରପକ୍ଷେ ସରକାରଙ୍କ ପକ୍ଷରୁ ଚାଉଳ ଓ ଦିବ୍ୟାଙ୍ଗ ଭତ୍ତା ମଧ୍ୟ ପାଉଥିବା ପ୍ରକାଶ କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୋଟେ ଘର ପାଇଁ ହରିଚନ୍ଦନପୁର ବ୍ଲକ କାର୍ଯ୍ୟାଳୟରେ ତିନିବର୍ଷ ପୂର୍ବରୁ ଆବେଦନ କରିଥିଲେ ବି ବର୍ତ୍ତମାନ ସୁଦ୍ଧା ଘର ଖଣ୍ଡେ ମିଳିନାହିଁ। ଏହାବ୍ୟତୀତ ତିନିଚକିଆ ସାଇକେଲ ଗୋଟେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଗଲେ କିଛିଟା ସୁବିଧା ହୋଇପାରନ୍ତା ବୋଲି ସେ କହିଛନ୍ତି।



■ ବର୍ଷା ଅଭାବରୁ ମରୁଡ଼ି ପରିସ୍ଥିତି

# ୯୦ପ୍ରତିଶତ ଜମି ପଡ଼ିଆ


ସିରିଗିଡା ପଞ୍ଚାୟତ ମୁଖ୍ୟାଳୟରେ ଚାଷ ଜମିର ଅବସ୍ଥା।

ତେଲକୋଇ, ୪।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇ ବ୍ଲକରେ ବର୍ଷାର ଅଭାବ ଯୋଗୁଁ ଧାନ କ୍ଷେତ ଫାଟି ଆଁ କରିଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ପ୍ରବଳ ବର୍ଷାର ସମ୍ଭାବନା ଥିବା ନେଇ ଚାଷୀ ମାନେ ଅପେକ୍ଷାରେ ରହିଛନ୍ତି। ଶ୍ରାବଣ ମାସ ତୃତୀୟ ସପ୍ତାହ ହୋଇଥିବା ବେଳେ ବର୍ଷା ହୋଇ ନ ଥିବା ଯୋଗୁ ୯୦ପ୍ରତିଶତ ଧାନ ଜମିରେ ଚାଷ କାର୍ଯ୍ୟ ହୋଇପାରି ନାହିଁ। ଏପରିକି ରୁଆ ବିହୁଡା ସହିତ ଧାନ ତଳି ନଷ୍ଟ ହେବାରେ ଲାଗିଛି। ବହୁ ଗ୍ରାମରେ ଧାନ କିଆର ଫାଟିବା ଯୋଗୁ ଚାଷ ଜମିରେ ଏବେ ମୋଟର ସହାୟତାରେ ପାଣି ମଡାଯାଉଛି। ଚଳିତ ବର୍ଷ ଜୁନ ଜୁଲାଇ ମାସରେ ମାତ୍ର ୫୩ମିମି ବର୍ଷା ହୋଇଥିବା ବେଳେ ଅଗଷ୍ଟ ୪ତାରିଖ ସୁଦ୍ଧା ବର୍ଷା ହୋଇ ନାହିଁ। ତେବେ ସପ୍ତାହେ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେଲେ ଚାଷୀ ମାନେ ଚାଷ କାର୍ଯ୍ୟକୁ ଯଥାକଥା କରିବା ଉଦ୍ୟମ ଅପେକ୍ଷାରେ ଥିବା ଚାଷୀ ଭଦ୍ରସେନ ପ୍ରଧାନ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ବର୍ଷାର ଅଭାବ ଯୋଗୁ ସମାକୋଇ ନଦୀର ଅବସ୍ଥା ଓ ଝରଣାର ଅବସ୍ଥାକୁ ଦେଖିଲେ ଏହି ଅଂଚଳର ବିଭିନ୍ନ ଚାଷ କାର୍ଯ୍ୟରେ ଗୁରୁତରପ୍ରଭାବ ପକାଇଛି। କେଉଁଆଡ଼େ ପାଣି ନାହିଁ। ଏସମ୍ପର୍କରେ କୃଷି ବିଭାଗର ଅଧିକାରୀ ଶିବାନୀ ଗୋଛାୟତଙ୍କୁ ପଚାରିବାରୁ ବ୍ଲକ ଅଧୀନରେ ବର୍ଷାର ପରିମାଣ ବହୁ କମ ରହିଛି। ଏଥଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତେବେ ଚାଷୀ ମାନେ ଅଧୈର୍ଯ୍ୟ ହେବା ଉଚିତ ନୁହେଁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ବିଭାଗ ପକ୍ଷରୁ ପ୍ରତି ସପ୍ତାହର ବର୍ଷା ପରିମାଣ ଜିଲାକୁ ଅବଗତ କରାଯାଉଥିବା ମଧ୍ୟ ସେ ପ୍ରକାଶ କରିଥିଲେ।

# ଗାନ୍ଧୀଛକରୁ ଧୁପଦା ରାସ୍ତା ଅବସ୍ଥା ଶୋଚନୀୟ

କେନ୍ଦୁଝର, ୪।୮(ଡି.ଏନ୍.ଏ.)

ଗାନ୍ଧୀଛକଠାରୁ ଧୁପଦା ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ଅବସ୍ଥା ବର୍ତ୍ତମାନ ଶୋଚନୀୟ ହୋଇପଡିଛି। ଫଳରେ ଗାଡିମୋଟର ଚଳାଚଳରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏହି ରାସ୍ତାଟି ଜାତୀୟ ରାଜପଥ ୨୦ ଏବଂ ଜାତୀୟ ରାଜପଥର ୪୯ର ସଂଯୋଗସ୍ଥଳ ସହ ବଡବିଲ ପଟୁ କେନ୍ଦୁଝର ସହରକୁ ଏହା ମୁଖ୍ୟ ରାସ୍ତା ଅଟେ। ରାସ୍ତା ମରାମତି ନ ହେବା କାରଣରୁ ଅନେକ ସ୍ଥାନରେ ଆଣ୍ଠୁଏ ଲେଖାଏ ଖାଲ ସୃଷ୍ଟି ହୋଇ ପାଣି ଜମି ରହିଛି। ତେଣୁ ଏହି ରାସ୍ତା ଦେଇ ଯାଉଥିବା ଯାନବାହନଗୁଡିକ ଖାଲରେ ପଡି ବିପଦର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ବିଶେଷ କରି ଦୁଇଚକିଆ ଯାନ, ସାଇକେଲ ଆରୋହୀ ଓ ପଥଚାରୀଙ୍କ ପାଇଁ ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଗାନ୍ଧୀଛକଠାରୁ ଶିରିପୁର ଛକ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାମ ୫ବର୍ଷରୁ ଅଧିକ ହେବ ଶେଷ ହେଉନାହିଁ। ତେଣୁ ଅନେକ ଅସୁବିଧା ଦେଖାଯାଉଛି। ଜିଲା ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ତୁରନ୍ତ ରାସ୍ତା ମରାମତି କରିବାକୁ ଦାବି ହୋଇଛି।

# ଦୂରଦର୍ଶନରେ ପ୍ରତିଭା ଦେଖାଇଲେ ନୃତ୍ୟଶିଳ୍ପୀ

ଆନନ୍ଦପୁର, ୪।୮(ସ୍ୱ.ପ୍ର.)

ଆନନ୍ଦପୁରର ଅଗ୍ରଣୀ ନୃତ୍ୟାନୁଷ୍ଠାନ ବୀଣାପାଣି କଳାନିକେତନର ନୃତ୍ୟଶିଳ୍ପୀମାନେ ଦୂରଦର୍ଶନରେ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। କଳାକାରମାନେ ଦୂରଦର୍ଶନ ମାଧ୍ୟମରେ ଗଡଚଣ୍ଡୀ ପୀଠ ଠାରେ ଲୋକନୃତ୍ୟ ଘୁମୁରା ଓ ପଲ୍ଲୀ ନୃତ୍ୟ ପୁଞ୍ଜିନିବେଶ ଉପରେ ନୃତ୍ୟାଭିନୟ କରିଥିଲେ। ନୃତ୍ୟଗୁରୁ ଜିତୁ ଦାଶ, ସଂଯୋଜନା ଅଭିନେତା ମାନସ ସାହୁ, ପ୍ରଯୋଜକ ଅଜୟ ସାହୁ, ଏସ. ଅଧିରାଜଙ୍କ ତତ୍ତ୍ୱାବଧାନରେ ନୃତ୍ୟଶିଳ୍ପୀ ବିନୋଦ ଓଝା, ଆରର୍ତ୍ତିକା ଦେହୁରୀ, ଆର୍ଯ୍ୟନ କୁମାର, ଇତିଶ୍ରୀ ଓଝା, ମୋନିକା ଦାଶ, ସୁଇଟି ଦାଶ, ହର୍ଷିତା ଖଟୁଆ, ସୌମ୍ୟ, ଦୀପିକା, ରଞ୍ଜିତା, ଶୁଭଶ୍ରୀ, ସୁଚିସ୍ମିତା ପ୍ରମୁଖଙ୍କ ସମେତ ବହୁ କଳାକାର ବେଶ୍ ଚମତ୍କାର ନୃତ୍ୟ ପରିବେଷଣ କରିଥିଲେ।


ବୀଣାପାଣି ନୃତ୍ୟାନୁଷ୍ଠାନର କଳାକାରମାନେ।

■ ବିଭିନ୍ନ ସମସ୍ୟା ନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବି

# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

ଝୁମ୍ପୁରା, ୪।୮(ଡି.ଏନ.ଏ.)

ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବଡନେଉଳି ଅଞ୍ଚଳର ଏକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବି ନେଇ ଅଭିଭାବକ ଓ ଗ୍ରାମବାସୀ ଶନିବାର ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇଛନ୍ତି। ପରିସ୍ଥିତି ଏପରି ହୋଇଥିଲା ଯେ, ସ୍କୁଲ କର୍ତ୍ତୃପକ୍ଷଙ୍କୁ ବାରିଆ ଥାନା ପୋଲିସର ସହାୟତା ନେବାକୁ ପଡିଥିଲା।

ପ୍ରକାଶ ଯେ, ଉକ୍ତ ସ୍କୁଲରେ ପ୍ରଥମରୁ ୧୦ମ ଶ୍ରେଣୀ ଯାଏଁ ଶିକ୍ଷାଦାନ କରାଯାଉଥିବାବେଳେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୩୦୦ରୁ ଊର୍ଦ୍ଧ୍ୱ। ଏହାବ୍ୟତୀତ ବିଦ୍ୟାଳୟ ପରିସରରେ ୧୧୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ରହିଥିବାବେଳେ, ୪୦ ଶଯ୍ୟା ବିଶିଷ୍ଟ ସ୍ୱଳ୍ପ ବ୍ୟୟ ଛାତ୍ରାବାସ ରହିଛି। ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନମାନି ନୀତି, ଅନ୍ତେବାସୀଙ୍କୁ ନିମ୍ନମାନର ଖାଦ୍ୟ ଦେବା, ପାଠପଢା ଆଦୌ ହେଉ ନ ଥିବା ଆଦି ଅଭିଯୋଗ ପୂର୍ବରୁ ହୋଇ ଆସୁଥିଲା। ହେଲେ ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ ଏ ନେଇ ଚୁପ ରହୁଥିବା ଗ୍ରାମବାସୀ କହିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କର ଇଚ୍ଛାରେ ସ୍କୁଲ ପରିଚାଳନା କମିଟି ନାମମାତ୍ର ଗଢାଯାଇଛି ବୋଲି ଗ୍ରାମବାସୀ ଗୁରୁତର ଅଭିଯୋଗ ଆଣିଛନ୍ତି। ତେବେ ଶନିବାର ଅଭିଭାବକ ମିଟିଂ ଡକାଯାଇ ଥିବାବେଳେ, ପୂର୍ବ ଅଭିଯୋଗ ସବୁକୁ କେନ୍ଦ୍ରକରି ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରେ ଅଭିଭାବକ, ଗ୍ରାମବାସୀ ଅସନ୍ତୁଷ୍ଟ ହୋଇ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ। ସୂଚନା ପାଇ ବାରିଆ ଥାନା ପୋଲିସ ଅଧିକାରୀ ସୁଶାନ୍ତ ମହାନ୍ତି ସ୍କୁଲରେ ପହଞ୍ଚିଥିଲେ। ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲେ ହେଁ, ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବି ନେଇ ଗ୍ରାମବାସୀ ଅଡି ବସିଥିଲେ। ପ୍ରତିଶ୍ରୁତି ପରେ ଗେଟ ତାଲା ଅପରାହ୍ନରେ ଖୋଲାଯାଇଛି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହିତ ଯୋଗାଯୋଗ ହୋଇ ପାରିନାହିଁ। ଏସମ୍ପର୍କରେ ଝୁମ୍ପୁରା ବ୍ଲକ ଶିକ୍ଷାଧିକାରୀ ଦୁଃଶାସନ ସିଂଙ୍କୁ ପଚାରିବାରୁ କିଛିଦିନ ପାଇଁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦାୟିତ୍ୱରୁ ନିବୃତ୍ତ କରାଯାଇ ବିଦ୍ୟାଳୟର ଜଣେ ସିନିୟର ଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ରିପୋର୍ଟ କରାଯାଇଛି, ଜିଲା ଶିକ୍ଷାଧିକାରୀ ତଦନ୍ତ କରି ଯାହା ପଦକ୍ଷେପ ନେବେ। ପ୍ରଧାନ ଶିକ୍ଷୟିତ୍ରୀ ବର୍ତ୍ତମାନ ପାଇଁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥାନ ଦେବେ ବୋଲି ସେ କହିଛନ୍ତି। ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ସହିତ ମଧ୍ୟ କୌଣସି ଯୋଗାଯୋଗ ହୋଇ ପାରିନାହିଁ।